READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୫ | ସଂଖ୍ୟା-୩୧ | ୧୬ – ୨୨ ଅଗଷ୍ଟ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-31 | 16th - 22nd AUGUST, 2021 | BHUBANESWAR | ₹ 5/- (8 Pages)

evos
spreading love
Since 2005

15th August 2021

*Wishing you a*
*Happy 75th Independence Day*

***Freedom from the dependency on rental apartments***
*is a great way to celebrate your Independence Day.*
*Let* **Evos** *Help you to get* ***Your OWN Home.***









Visit **www.evosbuildcon.com** to book a Luxurious Apartments.

**Evos Buildcon Pvt. Ltd.**
Plot No.: M/76, Housing Board Colony, Baramunda, Bhubaneswar Odisha-751003
**8093069701**

evos_bbsr | evosbuildcon | EvosBuildcon_ | evos_buildcon | evosbuildcon.com | 0674-2355100

## କେମିତି କଟିବ ଏ ସପ୍ତାହ

**ମେଷ** ଅତ୍ୟଧିକ କାମ ବୋଝ ଯୋଗୁଁ ମାନସିକ ଅଶାନ୍ତି ବଢ଼ିପାରେ। ବାପା ମା'ଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟବସାୟରେ ନିବେଶରୁ ଲାଭ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବି ହେବେ। ଛାତ୍ରମାନେ ମନର ଫଳ ପାଇପାରିବେ।

**ବୃଷ** ବେମାରୀ ବଢ଼ିବା ପୂର୍ବରୁ ଉପଚାର କରନ୍ତୁ। ଧନପ୍ରାପ୍ତି ଯୋଗ ଅଛି। ବନ୍ଧୁଙ୍କ ସହ ମନର କଥା ଆଲୋଚନା କରି ଶାନ୍ତି ପାଇବେ। ନୂଆ ବ୍ୟବସାୟ କରିପାରନ୍ତି। ଛାତ୍ରମାନେ ସଫଳତା ପାଇବେ।

**ମିଥୁନ** ପାଚନତନ୍ତ୍ର ଓ ପାଦରେ ସମସ୍ୟା ଦେଖାଦେଇପାରେ। ଆର୍ଥିକ ପରିସ୍ଥିତିରେ ସୁଧାର ହେବ। ଭାଗିଦାରୀ ବ୍ୟବସାୟ କରିପାରନ୍ତି। ପିଲାମାନଙ୍କ ପାଇଁ ଅପମାନିତ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କୁ ଅନାବଶ୍ୟକ କାର୍ଯ୍ୟ ପାଇ ବାଧ୍ୟ କରନ୍ତୁ ନାହିଁ।

**କର୍କଟ** ଭାବୁକ ହୋଇପାରନ୍ତି। ପୁରୁଣା କଥାକୁ ମନରୁ ବାହାର କରନ୍ତୁ। ଅଧିକ ଖର୍ଚ୍ଚ ହୋଇପାରେ। ପରିଶ୍ରମର ଫଳ ପାଇବେ। ଛାତ୍ରମାନେ ସଫଳ ହେବେ। ଜୀବନସାଥୀଙ୍କୁ ମହତ୍ୱ ଦିଅନ୍ତୁ ସୁଖ ପାଇବେ।

**ସିଂହ** ଅତ୍ୟଧିକ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଦୃଢ଼ ହେବ। ଧାର୍ମିକ କାର୍ଯ୍ୟ କରିପାରନ୍ତି। ପରିବାରରେ ସୁଖ ମିଳିବ। ଅଯଥା କଥା କାର୍ଯ୍ୟ କ୍ଷେତ୍ରରେ କୁହନ୍ତୁ ନାହିଁ। ଛାତ୍ରମାନେ ଶିକ୍ଷା ପାଇଁ ବହୁତ ଖର୍ଚ୍ଚାନ୍ତ ହୋଇପାରନ୍ତି।

**କନ୍ୟା** ସମସ୍ୟାର ସମାଧାନ ନକରି ମନକୁ ସୁଖ ଦେଇପାରିବେ। ଧନଲାଭ ହେବ। ବନ୍ଧୁ ଓ ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ନିଜର ଲକ୍ଷ ପ୍ରତି ସଜାଗ ରୁହନ୍ତୁ। ନିଜ ଉପରେ ଅହଂକାରକୁ ପ୍ରଭାବୀ କରନ୍ତୁ ନାହିଁ।

**ତୁଳା** ବ୍ୟବସାୟରେ ବଡଧରଣରର କ୍ଷତି ଯୋଗ ଅଛି। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁନାହିଁ। ପରିବାରରେ ଉଲ୍ଲାସର ପରିବେଶ ରହିବ। କ୍ୟାରିୟରରେ ଉନ୍ନତି ହେବ। ଅଧର୍ଯ୍ୟ ହୁଅନ୍ତୁ ନାହିଁ।

**ବିଛା** ଅଧିକ ମିଠା ଖାଆନ୍ତୁ ନାହିଁ। ଏ ସପ୍ତାହରେ ଅର୍ଥର ମହତ୍ତ୍ୱ ବୁଝିବେ। ପରିବାର ସହ ଯାତ୍ରା କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଖାଲି ସମୟ ପାଇବେ। ଉଚ୍ଚଶିକ୍ଷା କ୍ଷେତ୍ରରେ ଛାତ୍ରମାନେ ସଫଳ ହେବେ।

**ଧନୁ** ଉତ୍ତମ ସ୍ୱାସ୍ଥ୍ୟ ରହିବ। କରଜ ନେଇପାରନ୍ତି। ଅନ୍ୟମାନଙ୍କ ସହ କଥା ହେବା ସମୟରେ ସଂଯମତା ରଖନ୍ତୁ। ନୂଆ ଚାକିରି ପାଇଁ ଅଧିକ ପରିଶ୍ରମର ଆବଶ୍ୟକତା ଅଛି। ଶିକ୍ଷା କ୍ଷେତ୍ରରେ ଥିବା ସମସ୍ତ ସମସ୍ୟା ଦୂର ହେବ।

**ମକର** କାର୍ଯ୍ୟକ୍ଷେତ୍ରରେ ଲାଭ ଓ ପୁରସ୍କାର ପାଇପାରନ୍ତି। ପରିବାରରେ ଝଗଡା ହୋଇପାରେ। ଛାତ୍ରମାନେ ଅସ୍ଥିର ହେବେ ଓ ପାଠରେ ମନ ଲାଗିବନାହିଁ। ପ୍ରେମ ଜୀବନରେ ଆବଶ୍ୟକଠାରୁ ଅଧିକ ସୁଖ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଭାଗିଦାରୀ ବ୍ୟବସାୟରେ ଲାଭର ସଙ୍କେତ ମିଳୁଛି। ଆପଣଙ୍କ ବ୍ୟକ୍ତିତ୍ୱ ଓ ପ୍ରଶାସନିକ କ୍ଷମତା ସମସ୍ତଙ୍କୁ ପ୍ରଭାବିତ କରିବ। କୌଣସି ମହିଳାଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ପରିଶ୍ରମର ଫଳ ମିଳିବ।

**ମୀନ** ପୂର୍ବ ଅପେକ୍ଷା ଅଧିକ ସତେଜ ଅନୁଭବ କରିବେ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବାହାନ ଚଳାଇବା ସମୟରେ ସଜାଗ ହୁଅନ୍ତୁ। ବିଦେଶ ଶିକ୍ଷା ପାଇଁ ସୁଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ନିଜର ବାଣୀ ଉପରେ ଧ୍ୟାନ ଦିଅନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# 'କରୋନା ସମୟରେ ସ୍କୁଲ ନ ଖୋଲିବା ଅଧିକ ବିପଦପୂର୍ଣ୍ଣ'

**ନୂଆଦିଲ୍ଲୀ :** କୋଭିଡ୍-୧୯ ମହାମାରୀ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ବିଭିନ୍ନ ରାଜ୍ୟ ସରକାର ସ୍କୁଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ସ୍କୁଲ ଖୋଲିବା ତୁଳନାରେ ନଖୋଲିବା ହେଉଛି ଅଧିକ ବିପଦଜନକ। ସ୍କୁଲ ନଖୋଲିବା ଦ୍ୱାରା ନା କେବଳ ପରିବାର ଭିତରର ବାତାବରଣ ଖରାପ ହେଉଛି ବରଂ ପିଲାମାନଙ୍କର ଘରୋଇ କାମରେ ଭାଗିଦାରୀ ମଧ୍ୟ ବଢୁଛି। ଯାହାଦ୍ୱାରା ପିଲାମାନେ ପାଠପଢ଼ାରୁ ଧୀରେ ଧୀରେ ଦୂରେଇ ଯାଉଛନ୍ତି। ବିନୟ ପି.ସହସ୍ରବୁଦ୍ଧେଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଶିକ୍ଷା, ମହିଳା, ଯୁବବର୍ଗ, ପିଲା ଏବଂ ଖେଳକୁ ନେଇ ଗଠିତ ସଂସଦର ସ୍ଥାନୀୟ କମିଟି ତା'ର ରିପୋର୍ଟରେ ଦର୍ଶାଇଛି। ରିପୋର୍ଟରେ କୁହାଯାଇଛି ଯେ, ବର୍ଷକରୁ ଅଧିକ ସମୟ ଧରି ସ୍କୁଲ ବନ୍ଦ ହେବା ଦ୍ୱାରା ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। ବଡ ପିଲାମାନେ ଲଗାତର ଘରର ଚାରିକାନ୍ଥ ଭିତରେ ରହିବା ଦ୍ୱାରା ମାତାପିତାଙ୍କ ସହ ସେମାନଙ୍କର ସମ୍ପର୍କୀୟଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଛି। ଏପରିକି ମାତାପିତା ଓ ପିଲାଙ୍କ ମଧ୍ୟରେ ସମ୍ପର୍କ ଖରାପ ହେବାରେ ଲାଗିଛି। ତେବେ ଏହାର ଅଧିକ ପ୍ରଭାବ ଝିଅମାନଙ୍କ ଉପରେ ପଡୁଛି। କାରଣ ଏବେ ଝିଅମାନଙ୍କୁ କମ ବୟସରେ ବିବାହ କରିଦିଆଯାଉଛି, ନଚେତ ତାଙ୍କ ଉପରେ ଘର କାମର ଦାୟିତ୍ୱ ବଢ଼ିଯାଉଛି। ଏହାଦ୍ୱାରା ଝିଅମାନଙ୍କ ପାଠପଢ଼ା ସବୁଦିନ ପାଇଁ ଶେଷ ହୋଇଯାଉଛି କିମ୍ବା ତାଙ୍କର ପାଠପଢ଼ା ଦୁର୍ବଳ ହେଉଛି। ସାଧାରଣତଃ ଏହା ମଧ୍ୟବର୍ଗୀୟ ଏବଂ ଗରିବୀ ସୀମାରେଖା ତଳେ ରହୁଥିବା ପରିବାରରେ ଅଧିକ ଦେଖିବାକୁ ମିଳୁଛି। ଏଥିପାଇଁ ସ୍କୁଲକୁ ଖୋଲିବା ଉପରେ ଧ୍ୟାନ ଦେବା ଜରୁରୀ। ବିନୟ ପି. ସହସ୍ରବୁଦ୍ଧେଙ୍କ ନେତୃତ୍ୱରେ ଚଳିତ



ସପ୍ତାହରେ ଶିକ୍ଷା, ମହିଳା, ପିଲା, ଯୁବବର୍ଗ ଓ କ୍ରୀଡା ସମ୍ବନ୍ଧିତ ସଂସଦୀୟ ସ୍ଥାୟୀ କମିଟି ତା'ର ରିପୋର୍ଟ ସଂସଦରେ ପେଶ କରିଛି। ଏହି ରିପୋର୍ଟରେ ସ୍କୁଲ ଲକଡାଉନ୍ କାରଣରୁ ପିଲାଙ୍କ ଶିଖିବାର ଅଭାବକୁ ଦୂର କରିବାର ଯୋଜନା ସହ ଅନଲାଇନ ଓ ଅଫଲାଇନ ନିର୍ଦ୍ଦେଶ ଓ ପରୀକ୍ଷାର ସମୀକ୍ଷା ଓ ସ୍କୁଲକୁ ପୁଣି ଖୋଲିବା ନେଇ ଯୋଜନା ପ୍ରସ୍ତୁତ କରାଯାଉଥିବା ଉଲ୍ଲେଖ ହୋଇଛି। ଏହାସହ ପ୍ୟାନେଲ ସୁପାରିସ କରି କହିଛି ଯେ, ଏହି ମାମଲାର ଗଭୀରତାକୁ ଅଣଦେଖା କରାଯାଇପାରିବ ନାହିଁ ଏବଂ ସ୍କୁଲକୁ ଖୋଲିବା ପାଇଁ ସନ୍ତୁଳିତ ତର୍କପୂର୍ଣ୍ଣ ଦୃଷ୍ଟିକୋଣ ଆପଣାଇବା ଦରକାର। ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଓ ଚୁକ୍ତିପତ୍ର କର୍ମଚାରୀଙ୍କ ପାଇଁ ଭ୍ୟାକସିନ୍ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାକୁ ପଡିବ, ଯଦ୍ୱାରା ସ୍କୁଲକୁ ଯଥାଶୀଘ୍ର ସ୍ୱାଭାବିକ କରାଯାଇପାରିବ। ଏଥିରେ ଶାରୀରିକ ଦୂରତାର ପାଳନ କରାଯିବା ଓ ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍ପର୍ଶକୁ କମ କରିବା ପାଇଁ ବିକଳ୍ପ ଦିନ କିମ୍ବା ଦୁଇଟି ପାଳିରେ ଶ୍ରେଣୀ ଗୃହର ଆୟୋଜନ କରିବା ନେଇ ଗୁରୁତ୍ୱ ଦିଆଯାଇଛି। ପିଲାଙ୍କ ଉପସ୍ଥିତି ସମୟରେ ନିୟମିତ ଭାବେ ଥର୍ମାଲ ସ୍କ୍ରିନିଂ ଓ କୌଣସି ସଂକ୍ରମିତ ଛାତ୍ରଛାତ୍ରୀ, ଶିକ୍ଷକ କିମ୍ବା କର୍ମଚାରୀଙ୍କୁ ତୁରନ୍ତ ଖୋଜି ବାହାର କରିବା ଏବଂ ସେମାନଙ୍କୁ ଅଲଗା ଅଲଗା ରଖିବା ସହ ନିୟମିତ ଭାବେ ଆରଟି-ପିସିଆର ଟେଷ୍ଟ କରାଇବା ଆଦି ଏହି ରିପୋର୍ଟରେ ସାମିଲ ଅଛି। ପ୍ୟାନେଲର ସୁପାରିସରେ ପ୍ରତି ସ୍କୁଲରେ କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ତାଲିମପ୍ରାପ୍ତ କର୍ମଚାରୀଙ୍କ ସହ ଅତି କମରେ ଦୁଇଟି ଅକ୍ସିଜେନ କନସେନଟ୍ରେଟର ରହିବା ନିହାତି ଦରକାର ଏବଂ ପ୍ରାଥମିକ ଚିକିତ୍ସା ବ୍ୟତୀତ ବାହ୍ୟ ଚିକିତ୍ସା ସହାୟତାର ଉପଲବ୍ଧତା ପ୍ରଦାନ କରିବାକୁ ପଡିବ। ପ୍ୟାନେଲ କହିଛି ଯେ ସ୍ୱଚ୍ଛତା ଓ କୋଭିଡ୍ ପ୍ରୋଟୋକଲ କଡାକଡି ପାଳନ ହେଉଛି ନା ନାହିଁ, ତାକୁ ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟ ନିରୀକ୍ଷକ ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ସ୍କୁଲକୁ ବାରମ୍ବାର ନିରୀକ୍ଷଣ କରାଯାଇପାରେ। ସ୍କୁଲ ଖୋଲିବା ପାଇଁ ବିଭିନ୍ନ ଦେଶରେ ଗ୍ରହଣ କରାଯାଉଥିବା ସର୍ବୋତ୍ତମ ପ୍ରଥାର ଏକ ତାଲିକା ମଧ୍ୟ ପ୍ରସ୍ତୁତ କରାଯାଇପାରେ ଏବଂ ନିଷ୍ପତ୍ତି ନେବା ସମୟରେ ଏହାକୁ ବିଚାରକୁ ନିଆଯାଇପାରେ।

# ବଢୁଛି ବଜ୍ରପାତ ବିଘାତ, ବିପଦରେ ଓଡ଼ିଶା

**କୋଲକାତା :** ଜଳବାୟୁ ପରିବର୍ତ୍ତନର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହେଉଛି। ଏଥିରୁ ଭାରତ ବାଦ ଯାଇନି। କ୍ଲାଇମେଟ୍ ଚେଞ୍ଜ କାରଣରୁ ସାରା ବିଶ୍ୱରେ ବଜ୍ରପାଜ ଘଟଣା ମଧ୍ୟ ବଢ଼ିବଢ଼ି ଚାଲିଛି। ତଥ୍ୟ ଅନୁସାରେ ୨୦୧୦ ମସିହା ପର୍ଯ୍ୟନ୍ତ ହାରାହାରି ୧୮ ହଜାର ବଜ୍ରପାତ କେବଳ ଗ୍ରୀଷ୍ମ ଋତୁରେ ହେଉଥିଲା। ତେବେ ଏହି ହାର ୨୦୨୦ ମସିହା ବେଳକୁ ଦେଢ଼ଲକ୍ଷକୁ ପାର ହୋଇସାରିଛି। ଲାଇଟନିଂ ଡିଟେକ୍ସନ ନେଟୱାର୍କର ସଞ୍ଚାଳନ 'ଆର୍ଥ ନେଟୱାର୍କ' ଭାରତ ସମ୍ପର୍କିତ ଯେଉଁ ରିପୋର୍ଟ ଦେଇଛନ୍ତି ତାହା ବାସ୍ତବିକ ଡରାଇବା ଭଳି। 'ଦି ଆର୍ଥ ନେଟୱାର୍କସ୍'ଙ୍କ ରିପୋର୍ଟ ଅନୁସାରେ ୨୦୨୦ ମସିହା ସୁଦ୍ଧା ଭାରତରେ ବାର୍ଷିକ ୩ କୋଟି ୯୦ଲକ୍ଷ ଆକାଶୀୟ ବଜ୍ରପାତ ହୋଇଛି। ଏଥିରୁ ୧ କୋଟିରୁ ଅଧିକ ମାଟିରେ ପଡିଛି। ଜନବସତି ଅଞ୍ଚଳରେ ବଜ୍ରପାତ ଯୋଗୁ ଭାରତରେ ଧନଜୀବନ ହାନୀ ଜନିତ କ୍ଷତି ମଧ୍ୟ ଅଧିକ ହେଉଛି। ଏହି ରିପୋର୍ଟ ଅନୁସାରେ ୨୦୧୯ ମସିହା ଅନୁସାରେ ୨୦୨୦ରେ ୨୩ ପ୍ରତିଶତ ଅଧିକ ବଜ୍ରପାତ ହୋଇଥିଲା। ରିପୋର୍ଟ ଅନୁସାରେ ଭାରତର ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା ଓ



ପଶ୍ଚିମବଙ୍ଗରେ ସର୍ବାଧିକ ବଜ୍ରପାତ ଘଟଣା ଦେଖାଯାଇଛି। ସେହିପରି ବିହାର, ଉତ୍ତରପ୍ରଦେଶ, ଝାଡଖଣ୍ଡ ଓ ମହାରାଷ୍ଟ୍ରରେ ବଜ୍ରପାତ ଯୋଗୁ ସର୍ବାଧିକ ମୃତ୍ୟୁ ହୋଇଛି। ରିପୋର୍ଟରେ ଦିଆଯାଇଥିବା ତଥ୍ୟ ଅନୁସାରେ ୨୦୨୦ ମସିହାରେ କେବଳ ପଶ୍ଚିମବଙ୍ଗରେ ୩୦ଲକ୍ଷ ୪୯ ହଜାର ୮୮୬ଟି ବଜ୍ରପାତ ଘଟଣା ଘଟିଛି। ଭାରତରେ ୨୦୨୦ ମସିହାରେ ମୌସୁମୀ ଋତୁ (ମେ-ସେପ୍ଟେମ୍ବର)ରେ ବଜ୍ରପାତର ସବୁଠୁ ଅଧିକ ଘଟଣା ଘଟିଥିଲା। ୨୦୨୦ ମୌସୁମରେ ଭାରତ ପ୍ରାୟ ୧୦୯ ପ୍ରତିଶତ ବର୍ଷା ପାଇଥିଲା। ଯାହା ୨୦୧୯ରେ ୨୧୦ ପ୍ରତିଶତ ଅର୍ଥାତ୍ ୧ ପ୍ରତିଶତ କମ ବର୍ଷା ରେକର୍ଡ ହୋଇଥିଲା। ତେବେ ୨୦୧୯ ମସିହା ତୁଳନାରେ ୨୦୨୦ରେ ୨୨.୬ ପ୍ରତିଶତ ଅଧିକ ବଜ୍ରପାତ ହୋଇଥିଲା। ଭାରତୀୟଙ୍କ ଲାଗି ବଜ୍ରପାତର ବିପଦ ଲଗାତାର ବଢ଼ି ବଢ଼ି ଚାଲିଛି। ଭୂ-ମଧ୍ୟ ରେଖା, ବଙ୍ଗୋପସାଗର, ଆରବ ସାଗର ଓ ହିନ୍ଦ ମହାସାଗରର ସମିପତା କାରଣରୁ ଭାରତ ଉପକୂଳରେ ଅତ୍ୟଧିକ ଉତ୍ତାପ ଓ ଆର୍ଦ୍ରତା ଅନୁଭୂତ ହୋଇଥାଏ। ଏଣୁ ସମଗ୍ର ଦକ୍ଷିଣ ଏସିଆରେ ଅଚାନକ ଘଡଘଡି ସହ ବର୍ଷା ହୋଇଥାଏ। ବଜ୍ରପାତ ଯୋଗୁ ବ୍ୟାପକ ଧନଜୀବନ ହାନୀ ହେଉଛି। ତେବେ ବଜ୍ରପାତକୁ ଯଦି ପୂର୍ବ ସମୟ ସହ ସମାନ କରି ଦେଖାଯାଏ ତେବେ ଏହା କ୍ରମଶଃ ପ୍ରାକୃତିକ ବିପର୍ଯ୍ୟୟରେ ପରିଣତ ହୋଇସାରିଲାଣି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋଙ୍କ ଅଧ୍ୟୟନରୁ ଭାରତରେ ବାର୍ଷିକ ୨ ହଜାର ୪୦୦ରୁ ଅଧିକ ଲୋକ କେବଳ ବଜ୍ରପାତରେ ପ୍ରାଣ ହରାଉଛନ୍ତି। ତେବେ ଆର୍ଥ ନେଟୱାର୍କ ସମୟ ପୂର୍ବରୁ ଏ ନେଇ ଲୋକଙ୍କୁ ସତର୍କ କରାଯାଇପାରିଲେ ଅନେକ ଧନଜୀବନ ରକ୍ଷା ହୋଇପାରିବ ବୋଲି କୁହାଯାଇଛି। ଲୋକେ ସତର୍କତା ପାଇବା ମାତ୍ରେ ବାହାରେ ଥିବା କାମ ତୁରନ୍ତ ତୁଟାଇ ଘରକୁ ଫେରିଯାଇପାରିବେ। ଫଳରେ ବଜ୍ରପାତ ଜନିତ ବିପାକରୁ ନିଜକୁ ରକ୍ଷା କରିପାରିବେ ବୋଲି କୁହାଯାଇଛି।

### କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ନୋଟିସ

# ସାର୍ବଜନୀନ ହେବ କି ଟିକାର ଟ୍ରାଏଲ ରିପୋର୍ଟ ?

**ନୂଆଦିଲ୍ଲୀ :** ମହାମାରୀ କରୋନା ବିରୋଧରେ ବ୍ୟବହାର ହେଉଥିବା ଟିକାର ଟ୍ରାଏଲ ତଥ୍ୟ ସାର୍ବଜନୀନ କରିବା ପାଇଁ ହୋଇଥିବା ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମ୍‌କୋର୍ଟ। ଏହା ଉପରେ ଜବାବ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଓ ଅନ୍ୟମାନଙ୍କୁ ନୋଟିସ କରିଛନ୍ତି। ଜଷ୍ଟିସ ନାଗେଶ୍ୱର ରାଓ, ଜଷ୍ଟିସ ହୃଷିକେଶ ରାୟଙ୍କ ଖଣ୍ଡପୀଠ ଆବେଦନ ଉପରେ ଜବାବ ଦେବାକୁ ସମସ୍ତଙ୍କୁ ୪ ସପ୍ତାହର ସମୟ ଦେଇଛନ୍ତି। ଶୁଣାଣି ବେଳେ ଟିକା ନେବା ପାଇଁ ଦେଶର କିଛି ଲୋକଙ୍କ ପାଖରେ ଦେଖାଯାଉଥିବା ଅନିଚ୍ଛା ସମସ୍ୟା କଥା ଉଠାଇଥିଲେ। ଏଥିସହ ଆବେଦନକାରୀ ଓକିଲ ପ୍ରଶାନ୍ତ ଭୂଷଣଙ୍କୁ ଏପରି ଆବେଦନ ଲୋକଙ୍କ ମନରେ ଟିକାର ଉପକାରିତାକୁ ନେଇ ଆହୁରି ସନ୍ଦେହ ସୃଷ୍ଟି କରିବ ନାହିଁ କି ବୋଲି ପ୍ରଶ୍ନ କରିଥିଲେ। ଖଣ୍ଡପୀଠ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ୫୦ କୋଟିରୁ ଅଧିକ ଲୋକ ଟିକାର ଡୋଜ ନେଇ ସାରିଲେଣି। କ'ଣ ଆପଣ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ଚାହୁଁଛନ୍ତି? ଦେଶରେ ଟିକା ନେବାକୁ ଏବେ ବି ଲୋକ ପଛଘୁଞ୍ଚା ଦେଉଛନ୍ତି। ଆମେ ସମସ୍ତେ ଟିକା ପାଇଁ ଇଚ୍ଛା ପ୍ରକାଶ କରୁଥିବା ମାନସିକତା ବିରୋଧରେ ଲଢ଼େଇ କରୁଛେ। ଆପଣ ଭାବୁନାହାନ୍ତି କି ଏଭଳି ଆବେଦନ ଲୋକଙ୍କ ମନରେ ଆହୁରି ସନ୍ଦେହ ସୃଷ୍ଟି କରିବ? ଆମେ ଆବେଦନକୁ ଗ୍ରହଣ କରୁଛୁ ବୋଲି ଏହାର ଅର୍ଥ ନୁହେଁ ଯେ କୋର୍ଟ ଟିକା ପ୍ରତି ଥିବା ଅନିଚ୍ଛାକୁ ସମର୍ଥନ କରୁଛନ୍ତି। ଏହାର ଜବାବରେ ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ, ଟିକାକରଣ ବନ୍ଦ କରିବା ପାଇଁ କିମ୍ବା ଟିକାକୁ ବିରୋଧ କରି ଏପରି ଆବେଦନ କରାଯାଇନାହିଁ। କେବଳ ଟିକାକରଣରେ ଅଧିକ ସ୍ୱଚ୍ଛତା ଓ ଟିକାକୁ ନେଇ ସୃଷ୍ଟି ହେଉଥିବା ସନ୍ଦେହକୁ ସମ୍ପୂର୍ଣ୍ଣ ଭାବେ ଦୂର କରିବା ପାଇଁ ଏହି ଆବେଦନ ହୋଇଛି ବୋଲି ସେ କହିଛନ୍ତି। ଏହାପରେ ସୁପ୍ରିମ୍‌କୋର୍ଟଙ୍କ ଖଣ୍ଡପୀଠ କେନ୍ଦ୍ର, ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଆଇସିଏମ୍ଆର ଓ ଟିକା ଉତ୍ପାଦନ କରୁଥିବା କମ୍ପାନୀ ଗୁଡିକୁ ଟ୍ରାଏଲ ରିପୋର୍ଟର ତଥ୍ୟ ସାର୍ବଜନୀନ କରାଯିବା ଉଚିତ କି ନୁହେଁ, ତା'ର ଜବାବ ଦାଖଲ କରିବାକୁ ନୋଟିସ କରିଛନ୍ତି। ଜବାବ ମିଳିବା ପରେ ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

# ଗାଜିଆବାଦ ବିଶ୍ୱର ଦ୍ୱିତୀୟ ପ୍ରଦୂଷିତ ସହର

**ନୂଆଦିଲ୍ଲୀ :** ବିଶ୍ୱ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି ପ୍ରଦୂଷଣ। ଯେଉଁଥିପାଇଁ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗକୁ ଭାରତ ସମେତ ଅନେକ ଦେଶ ଗୁରୁତ୍ୱ ଦେଉଛନ୍ତି। ଏହାରି ଭିତରେ ଏକ ରିପୋର୍ଟ ଆସିଛି ଯାହା ପୃଥିବୀର ପ୍ରଦୂଷିତ ସହରର ଏକ ରିପୋର୍ଟ। ଏହି ରିପୋର୍ଟରେ କୁହାଯାଇଛି ଯେ, ୨୦୨୦ରେ ବାଂଲାଦେଶ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ଥିଲା। ଏହା ପରେ ପାକିସ୍ତାନ, ଭାରତ ଏବଂ ମୋଙ୍ଗୋଲିଆ ରହିଛି। ଏଥିସହିତ, ୟୁପିର ଗାଜିଆବାଦର ନାମ ଦୁନିଆର ସବୁଠାରୁ ପ୍ରଦୂଷିତ ସହରରେ ଅନ୍ତର୍ଭୁକ୍ତ ହୋଇଛି। ବ୍ରିଟିଶ କମ୍ପାନୀ ହାଉସଫ୍ରେଶର ରିପୋର୍ଟ ଅନୁଯାୟୀ, ଚୀନ୍‌ର ଜିନଜିଆନ ପ୍ରାନ୍ତରେ ଥିବା ହୋଟାନ୍ ସହର ସବୁଠାରୁ ପ୍ରଦୂଷିତ ସହର ବୋଲି କୁହାଯାଇଛି। ଏହାପରେ ଉତ୍ତରପ୍ରଦେଶର ଗାଜିଆବାଦ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ଚୀନ୍‌ର ହକାନରେ ପ୍ରଦୂଷଣ ପାଇଁ ମରୁଭୂମିକୁ ଦାୟୀ କରାଯାଇଛି କାରଣ ଏହି ସହର ପାଖରେ ରହିଛି ତକଲିମାକାନ ମରୁଭୂମି। ସେହିପରି ଗାଜିଆବାଦରେ ପ୍ରଦୂଷଣ ମାତ୍ରା ବଢ଼ିବାର କାରଣ ଯାତାୟାତ ବୋଲି କୁହାଯାଇଛି। ବାଂଲାଦେଶର ମାଣିକଗଞ୍ଜ ଦୁନିଆର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ତୃତୀୟ ସ୍ଥାନରେ ରହିଛି। ବିଶ୍ୱର ଦ୍ରୁତ ବିକାଶଶୀଳ ଦେଶର ସହର ମଧ୍ୟରେ ମାଣିକଗଞ୍ଜ ରହିଛି। ଏଠାରେ ଶିଳ୍ପ କ୍ଷେତ୍ର ବାର୍ଷିକ ୧୩ ପ୍ରତିଶତ ହାରରେ ବୃଦ୍ଧି ପାଉଛି। ବାଂଲାଦେଶରେ ବାୟୁ ପ୍ରଦୂଷଣର ପ୍ରମୁଖ କାରଣ ଯାନବାହନ ଏବଂ କଳକାରଖାନାରୁ ନିର୍ଗତ ଧୂଆଁ। ଦୁନିଆର ୫୦ଟି ପ୍ରଦୂଷିତ ସହର ମଧ୍ୟରୁ ୪୯ଟି ବାଂଲାଦେଶ, ଚୀନ୍, ପାକିସ୍ତାନ ଏବଂ ଭାରତର ରହିଛି। ହାୱାଇର କେଲୁଆ କୋନା, ଆମେରିକା ଏବଂ ଫିନଲ୍ୟାଣ୍ଡର ମୁଅନିୟୋ ସବୁଠୁ ସ୍ୱଚ୍ଛ ସହର ମଧ୍ୟରେ ଏହି ରିପୋର୍ଟ ଅନୁଯାୟୀ ରହିଛି।

# 'ମନୋନୟନର ୪୮ ଘଣ୍ଟା ଭିତରେ ପ୍ରାର୍ଥୀଙ୍କ ଅପରାଧିକ ତାଲିକା ପ୍ରକାଶ କର'

**ନୂଆଦିଲ୍ଲୀ :** ରାଜନୀତିରେ ଅପରାଧୀକରଣକୁ ନେଇ ସୁପ୍ରିମକୋର୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜନୀତିକ ଦଳଗୁଡିକ ସେମାନଙ୍କର ପ୍ରାର୍ଥୀଙ୍କ ଚୟନର ୪୮ ଘଣ୍ଟା ମଧ୍ୟରେ ଅପରାଧିକ ରେକର୍ଡ ସାର୍ବଜନୀନ କରିବା ଜରୁରୀ ବୋଲି ଆଜି ସୁପ୍ରିମକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ଅନୁମତି ବିନା ବିଧାୟକ ଓ ସାଂସଦଙ୍କ ବିରୋଧରେ ଥିବା ଅପରାଧିକ ମାମଲାକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ ବୋଲି ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ ସରକାର ଅପରାଧିକ ସମ୍ବନ୍ଧିତ କୌଣସି ମାମଲା ପ୍ରତ୍ୟାହାର କରିବା ପୂର୍ବରୁ ପ୍ରଥମେ ହାଇକୋର୍ଟଙ୍କ ଅନୁମତି ମାଗିବା ଦରକାର। ନଭେମ୍ବରରେ ଅନୁଷ୍ଠିତ ବିହାର ନିର୍ବାଚନ ସମ୍ବନ୍ଧିତ ଏକ ପୂର୍ବ ରାୟରେ ସୁପ୍ରିମକୋର୍ଟ ଚଳିତ ବର୍ଷ ଫେବୃଆରୀରେ କହିଥିଲେ ଯେ ପ୍ରାର୍ଥୀମାନେ ଚୟନ ହେବାର ୪୮ ଘଣ୍ଟା ମଧ୍ୟରେ କିମ୍ବା ନାମାଙ୍କନ ପତ୍ର ଦାଖଲ କରିବାର ପ୍ରଥମ ତାରିଖର ଅତି କମରେ ଦୁଇ ସପ୍ତାହ ପୂର୍ବରୁ ଏହି ବିବରଣୀ ଅପଲୋଡ୍



କରିବେ। ଏବେ ତାହା କେବଳ ୪୮ ଘଣ୍ଟା ମଧ୍ୟରେ ସୀମିତ ଅଛି। ସାଂସଦ ଓ ବିଧାୟକଙ୍କ ବିରୋଧରେ ମାମଲାର ଷ୍ଟାଟସ୍ ରିପୋର୍ଟ ଦାଖଲ ନକରିବାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ସୁପ୍ରିମକୋର୍ଟ ବର୍ଷିଛନ୍ତି। ସିଜେଆଇ ଏନଭି ରମଣା କହିଛନ୍ତି, ଆମେ ଆରମ୍ଭରୁ ହିଁ କେନ୍ଦ୍ର ସରକାରଙ୍କୁ କହିଆସୁଛୁ ଯେ ସେମାନେ ସାଂସଦ ଓ ବିଧାୟକଙ୍କ ସମ୍ବନ୍ଧିତ ଅପରାଧିକ ମାମଲାକୁ ଗୁରୁତର ସହ ନିଅନ୍ତୁ, କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ନେଇ କିଛି ପଦକ୍ଷେପ ନିଆଗଲା ନାହିଁ। ସୁପ୍ରିମକୋର୍ଟ ଏହି ମାମଲାରେ ଇଡିର ଷ୍ଟାଟସ୍ ରିପୋର୍ଟ ଉପରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ଆଜି ଆମେ ଖବରକାଗଜରେ ସବୁ ରିପୋର୍ଟ ପଢୁଛୁ। ସବୁକିଛି ମିଡିଆକୁ ଆଗ ମିଳିଯାଉଛି, କିନ୍ତୁ ଏଜେନ୍ସିମାନେ କୋର୍ଟଙ୍କୁ କିଛି ଜଣାଉ ନାହାନ୍ତି। ଇଡିର ଆଫିଡେଭିଟ୍ ମଧ୍ୟ ଫର୍ମାଟରେ ନାହିଁ ଏବଂ ଏଥିରେ କେବଳ ଅଭିଯୁକ୍ତଙ୍କ ତାଲିକା ରହିଛି। ସୁପ୍ରିମକୋର୍ଟ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ଶେଷ ସୁଯୋଗ ଦେଇଛନ୍ତି। ଦୁଇ ସପ୍ତାହ ସମୟ ଭିତରେ ରିପୋର୍ଟ ଦାଖଲ କରିବାକୁ କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ବିହାର ବିଧାନସଭା ନିର୍ବାଚନରେ ସେମାନଙ୍କ ପ୍ରାର୍ଥୀଙ୍କ ଅପରାଧିକ ଘଟଣାର ଖୁଲାସା ହେବାର ନିର୍ଦ୍ଦେଶ ପାଳନ ନକରିବାରୁ ସିପିଆଇ (ଏମ୍) ଏବଂ ଏନସିପି ସୁପ୍ରିମକୋର୍ଟଙ୍କୁ ସର୍ତ୍ତମୂଳକ କ୍ଷମା ପ୍ରାର୍ଥନା କରିଛନ୍ତି।

# ବଢିବ ତାପମାତ୍ରା; ସୃଷ୍ଟି ହେବ ପ୍ରାକୃତିକ ବିପର୍ଯ୍ୟୟ

**ନୂଆଦିଲ୍ଲୀ :** ଜଳବାୟୁ ପରିବର୍ତ୍ତନ ଯୋଗୁ ଏହାର ପ୍ରଭାବ କେଉଁଭଳି ଭାବେ ବିଶ୍ୱ ତାପାୟନ ଉପରେ ପଡିବ, ତା'କୁ ନେଇ ଏକ ସାଂଘାତିକ ରିପୋର୍ଟ ସାମ୍ନାକୁ ଆସିଛି। ଆକଳନର ୧୦ ବର୍ଷ ପୂର୍ବରୁ ପୃଥିବୀର ତାପମାତ୍ରା ପ୍ରାୟ ୧.୫ ଡିଗ୍ରୀ ସେଲସିୟସ ବଢ଼ିଯିବ। ଏହାଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ପ୍ୟାନେଲର ରିପୋର୍ଟରେ ଏପରି ତଥ୍ୟ ଦିଆଯାଇଛି। ଏହି ରିପୋର୍ଟ ବିଶ୍ୱ ପାଇଁ ଲାଲ ସଙ୍କେତ ବୋଲି କୁହାଯାଉଛି। ଏଥିରେ କୁହାଯାଇଛି, ଏବେଠାରୁ ହିଁ ବିଶ୍ୱର ବିଭିନ୍ନ ସ୍ଥାନରେ ଉତ୍ତାପ ବଢୁଥିବାରୁ କୁପରିଣାମ ଦେଖିବାକୁ ମିଳିଲାଣି। ତାପମାତ୍ରା ବଢୁଥିବାରୁ ସମୁଦ୍ର ଜଳ ପତ୍ତନ ମଧ୍ୟ ବଢୁଛି। ୧୯୦୧ରୁ ୨୦୧୮ ମଧ୍ୟରେ ବିଶ୍ୱରେ ସମୁଦ୍ର ପତ୍ତନ ହାରାହାରି ୦.୨୦ ମିଟର ବୃଦ୍ଧି ପାଇଛି। ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃ ସରକାରୀ ପ୍ୟାନେଲ ସୋମବାର ଏହାର ଷଷ୍ଠ ଆସେସମେଣ୍ଟ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଥିବା ୧୯୫ ଦେଶ ଭିତରେ ଭାରତ ମଧ୍ୟ ରହିଛି। ବୈଜ୍ଞାନିକମାନେ ପୃଥିବୀର ଜଳବାୟୁ ଓ ସମଗ୍ର ବିଶ୍ୱରେ ଇକୋସିଷ୍ଟମର ଯାଞ୍ଚ କରିଥିଲେ। ଏହି ସମୟରେ ସେମାନେ ଜାଣିବାକୁ ପାଇଛନ୍ତି ଯେ, ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ଯେଉଁ ବିପଦ ଆସିବାର ଥିଲା, ସେଗୁଡିକ ଏବେଠାରୁ ଦୃଶ୍ୟମାନ ହେବାରେ ଲାଗିଲାଣି। ସମୁଦ୍ରରେ ଜଳସ୍ତର ବଢୁଥିବାରୁ ଏହା ସମଗ୍ର ବିଶ୍ୱ ପାଇଁ ବିପଦ। ଏହାକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ ଶହ ଶହ କିମ୍ବା ହଜାର ହଜାର ବର୍ଷ ଲାଗିପାରେ ବୋଲି ସେମାନେ ରିପୋର୍ଟରେ କହିଛନ୍ତି। ରିପୋର୍ଟରେ କୁହାଯାଇଛି ଯେ, ପୃଥିବୀ ଶୀଘ୍ର ଗରମ ହେବାରେ ଲାଗିଛି। ଏଭଳି ସ୍ଥିତି ଜାରି



ରହିଲେ ୨୦୩୦ ସୁଦ୍ଧା ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ। ପୂର୍ବରୁ ଅର୍ଥାତ୍ ୨୦୧୮ରେ ୨୦୪୦ ସୁଦ୍ଧା ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ବଢ଼ିବ ବୋଲି କୁହାଯାଇଥିଲା। ତେଣୁ ଆକଳନର ୧୦ ବର୍ଷ ପୂର୍ବରୁ ହିଁ ଉତ୍ତାପ ବଢ଼ିଯିବ। ଏହା ହେଉଛି ସବୁଠାରୁ ବଡ ବିପଦ। ସେହିପରି ସମୁଦ୍ରର ଜଳସ୍ତର ଦ୍ରୁତ ଗତିରେ ବଢୁଛି। ୧୯୦୧ରୁ ୧୯୭୧ ମଧ୍ୟରେ ଏହା ବାର୍ଷିକ ହାରାହାରି ୧.୩ମିମି ବଢ଼ିଥିଲା। କିନ୍ତୁ ୨୦୦୬ ରୁ ୨୦୧୮ ମଧ୍ୟରେ ଏହା ପ୍ରତିବର୍ଷ ୩.୭ ମିଲିମିଟର ହାରରେ ବଢୁଛି। ୧୯୦୧ ରୁ ୨୦୧୮ ମଧ୍ୟରେ ବିଶ୍ୱ ସମୁଦ୍ର ଜଳସ୍ତର ୦.୧୫ ରୁ ୦.୨୫ ମିଟର ବୃଦ୍ଧି ଘଟିଛି। ସେହିପରି ୧୯୫୦ ପରଠାରୁ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରବଳ ହିଟ୍‌ୱେଭ ଦେଖାଯାଉଛି। ଏହି ସମୟରେ ଥଣ୍ଡାର କ୍ରମାଗତ ଭାବେ ହ୍ରାସ ପାଉଛି। ଲୋକଙ୍କ ବିଭିନ୍ନ କାର୍ଯ୍ୟକଳାପ ଯୋଗୁ ଘଟୁଥିବା ଜଳବାୟୁ ପରିବର୍ତ୍ତନ ହିଁ ବିଶ୍ୱ ତାପନର ମୁଖ୍ୟ କାରଣ। ଯଦି ଏହା ତୁରନ୍ତ ନିୟନ୍ତ୍ରିତ ନହୁଏ, ତେବେ ଏହାକୁ ଭୟଙ୍କର ସ୍ଥିତି କରିବ। ସହର ଗୁଡିକ ଏବେ ବିଶ୍ୱ ତାପନର ନୂଆ ହଟସ୍ପଟ ପାଲଟିଛି। ଜଳ, ଗଛ ଓ ଉଦ୍ଭିଦ ଅଭାବ ହେତୁ ଏଠାରେ ଗୋଟିଏ ଉତ୍ତାପର ଜାଲ ସୃଷ୍ଟି ହୋଇଛି। ପୂର୍ବରୁ ୧୦ କିମ୍ବା ୫୦ ବର୍ଷ ପରେ ବ୍ୟବଧାନରେ ପ୍ରବଳ ଗରମ, ଭୟଙ୍କର ବର୍ଷା କିମ୍ବା ମରୁଡି ଘଟଣା ଘଟୁଥିଲା। କିନ୍ତୁ ଏବେ ଏହି ଘଟଣା ଗୁଡିକ ନିୟମିତ ଘଟିବାରେ ଲାଗିଛି। ଏଥିପାଇଁ ଧନଜୀବନ ହାନୀ ଘଟିବାରେ ଲାଗିଛି। କାର୍ବନ ଡାଇଅକ୍ସାଇଡ୍ କିମ୍ବା ପୃଥିବୀର ତାପମାତ୍ରାକୁ ବୃଦ୍ଧି କରୁଥିବା ଅନ୍ୟାନ୍ୟ ଗ୍ରୀନ୍ ହାଉସ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ରୋକାଯାଇ ପାରିବ। କିନ୍ତୁ ବିଶ୍ୱର ସବୁ ରାଷ୍ଟ୍ରକୁ ଏମିତି ଏକାଠି ଚୁକ୍ତି କରିବାକୁ ପଡିବ। ଚଳିତ ବର୍ଷ ବ୍ରିଟେନର ଗ୍ଲାସଗୋରେ ଗୋଟିଏ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ପ୍ରଦୂଷଣକାରୀ ଉପାଦାନକୁ ହ୍ରାସ କରିବା ପାଇଁ ବିସ୍ତୃତ ଭାବେ ବିଭିନ୍ନ ଦେଶ ଆଲୋଚନା କରିବେ। ଯଦି ବି ଜଳବାୟୁ ପରିବର୍ତ୍ତର କୁପ୍ରଭାବକୁ ରୋକିବାକୁ ଚେଷ୍ଟା କରାଯାଏ, ତା'ହେଲେ ବିଶ୍ୱର ହାରାହାରି ତାପମାତ୍ରା ସ୍ଥିର ହେବା ପାଇଁ ୨୦ ରୁ ୩୦ ବର୍ଷ ଲାଗିବ।

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

**ଅଭିନନ୍ଦନ**
୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ 'ଏକମାତ୍ର'ର ଅଗଣିତ ପାଠକ/ପାଠିକା, ଶୁଭେଚ୍ଛୁ, ବିଜ୍ଞାପନଦାତା, ସମ୍ବାଦଦାତା ଏବଂ ବିତରକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
- ସମ୍ପାଦକ

ବର୍ଷ-୫ | ସଂଖ୍ୟା-୩୧ | ୧୬ - ୨୨ ଅଗଷ୍ଟ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-31 | 16th - 22nd AUGUST, 2021 | BHUBANESWAR | ₹ 5/- (8 Pages)

## ସରକାରଙ୍କ ଲକ୍ଷ୍ୟ ସବୁ ଘରକୁ ପାନୀୟ ଜଳ ଓ ଶୌଚାଳୟ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ୭୫ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଐତିହାସିକ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରି ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। ଦେଶପାଇଁ ବଳୀଦାନ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ଗଣତନ୍ତ୍ରକୁ ଭଲ ପାଉଥିବା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ ପ୍ରଧାନମନ୍ତ୍ରୀ। ପ୍ରତିବର୍ଷ ଅଗଷ୍ଟ ୧୪କୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ନିଜ ସମ୍ବୋଧନରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ,



କରୋନା ମହାମାରୀ ଆମକୁ ଅନେକ ଯାତନା ଦେଇଛି। ବହୁ ପିଲାଙ୍କ ଠାରୁ ସେମାନଙ୍କ ବାପା-ମା'ଙ୍କୁ ଛଡାଇ ନେଇଛି। ଅନେକ ନିଜର ଆତ୍ମୀୟଙ୍କୁ ହରାଇଛନ୍ତି। ତେବେ ଆମ ଦେଶରେ ବିଶ୍ୱର ସବୁଠୁ ବଡ ଟିକାକରଣ ଅଭିଯାନ ଚାଲିଛି। ୫୪ କୋଟି ଲୋକ କରୋନା ଟିକାର ପାନ ନେଇସାରିଲେଣି। ୮୦ କୋଟି ଲୋକଙ୍କୁ କରୋନା ସମୟରେ ସହାୟତା ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ ଆହୁରି କହିଥିଲେ ଯେ, ସବ୍‌କା ସାଥ, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ସରକାରଙ୍କର ମୂଳ ମନ୍ତ୍ର। ପୂର୍ବ ଅପେକ୍ଷା ସରକାରୀ ଯୋଜନା କାର୍ଯ୍ୟକାରିତାର ଅଧିକ ଗତିଶୀଳ ହୋଇଛି। ସବୁ ଗରିବଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ଦେଶର ସବୁ ଘରକୁ ପାନୀୟ ଜଳ ଓ ଶୌଚାଳୟ ଯୋଗାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମୋଦି କହିଥିଲେ। ନିଜ ଉଦ୍‌ବୋଧନରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି।

## 'କରୋନାର ଅନ୍ତ ଘଟିନି, ସାବଧାନତା ଜରୁରୀ'

**ନୂଆଦିଲ୍ଲୀ :** ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, ପରାଧିନତାରୁ ମୁକ୍ତି ହେବାର ଏହା ପୂର୍ବ। ଆମେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛୁ। ଅଲିମ୍ପିକ୍ସରେ ଖେଳାଳିଙ୍କ ପ୍ରଦର୍ଶନ ଦେଶକୁ ଗୌରବାନ୍ୱିତ କରିଛି। ଅଲିମ୍ପିକ୍ସରେ ମହିଳା ଖେଳାଳିଙ୍କ ପ୍ରଦର୍ଶନ ବିକଶିତ ଭାରତର ଝଲକ। ବାପା ମା' ଝିଅଙ୍କୁ ଆଗକୁ ବଢ଼ିବା ଲାଗି ପ୍ରେରଣା ଦେବା ଉଚିତ। କରୋନା କାଳରେ କମ ସମୟରେ ଟିକା ବାହାର କରିଥିବାରୁ ବୈଜ୍ଞାନିକଙ୍କ କାର୍ଯ୍ୟକୁ ପ୍ରଶଂସା କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି



ଯେ, ଦେଶରେ ବିଶ୍ୱର ବଡ ଟିକାକରଣ ଅଭିଯାନ ଚାଲିଛି। ଦ୍ୱିତୀୟ ଲହରରେ ଡାକ୍ତର ଓ ନର୍ସଙ୍କ ଅବଦାନ ପ୍ରଶଂସନୀୟ। ଅନେକ କୋଭିଡ୍ ଯୋଦ୍ଧା ପ୍ରାଣ ହରାଇଛନ୍ତି, ସେମାନଙ୍କୁ ପ୍ରଣାମ ଜଣାଉଛି। କରୋନାର ଅନ୍ତ ଘଟିନାହିଁ, ସାବଧାନତା ଜରୁରୀ। ତେଣୁ ସମସ୍ତ ଦେଶବାସୀ ଟିକା ନେବା ଲାଗି ରାଷ୍ଟ୍ରପତି ଅନୁରୋଧ କରିଛନ୍ତି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, ଜନକଲ୍ୟାଣ ଯୋଜନା ଉପରେ ସରକାର ଜୋର ଦେଉଛନ୍ତି। ଜାମ୍ମୁ-କାଶ୍ମୀରରେ ନବଜାଗରଣ ଦେଖିବାକୁ ମିଳିଛି। ଲୋକତନ୍ତ୍ର ମାମଲାରେଭାରତ ସବୁଠାରୁ ଆଗରେ ରହିଛି। ଗାଁରେ ଦ୍ରୁତ ଗତିରେ ବିକାଶ ହେଉଛି ଗାଁ ଓ ସହର ମଧ୍ୟରେ ଦୂରତା କ୍ରମଶଃ କମି କମି ଚାଲିଛି। ସଂସଦ ଆମ ପାଇଁ ଲୋକତନ୍ତ୍ରର ମନ୍ଦିର। ମାନବ ଜାତି ଆଗରେ ବଡ ସମସ୍ୟା ମୁଣ୍ଡ ଟେକିଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ସମସ୍ୟା ଅତନ୍ତ ଗମ୍ଭୀର ହୋଇଛି। ସମସ୍ୟାରୁ ମୁକୁଳିବାକୁ ଆମକୁ ଆମ ଚାଲିଚଲଣରେ ତ୍ୟାଗ ଜରୁରୀ ବୋଲି ପ୍ରକାଶ କରିଛନ୍ତି।

## ୩ୟ ଲହରରେ ପ୍ରଭାବିତ ହେବେ ୧୫% ଶିଶୁ



**ଭୁବନେଶ୍ୱର :** ରାଜ୍ୟରେ ବର୍ତ୍ତମାନ ମୋଟ ୧ କୋଟି ୭୮ ଲକ୍ଷ ଟୀକାକରଣ ସରିଛି। ପ୍ରଥମ ଡୋଜ ୧ କୋଟି ୩୭ ଲକ୍ଷ ଓ ଦ୍ୱିତୀୟ ଡୋଜ ୪୧ ଲକ୍ଷ ଲୋକ ନେଇଛନ୍ତି। ୪୦ ପ୍ରତିଶତ ପ୍ରଥମ ଡୋଜ, ସାଢ଼େ ୩ ଲକ୍ଷ ଟାର୍ଗେଟ ଥିଲା। ଏବେ ଯାଏଁ ୨ ଲକ୍ଷ ଟୀକାକରଣ ହୋଇଛି। କୋଭାକ୍ସିଂନ କମ ଅଛି। ସାମାନ୍ୟ ଅସୁବିଧା ହୋଇଛି। ଟୀକା ଆସିଲେ ସମସ୍ୟା ଦୂର ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ଗର୍ଭବତୀ ମହିଳାଙ୍କର ଟୀକାକରଣ ଚାଲିଛି। ୫୭ ହଜାର ଜଣଙ୍କୁ ଟୀକା ଦିଆଯାଇଛି। ୧୩୫୩ କେନ୍ଦ୍ରରେ ଟୀକାକରଣ ହେଉଛି। ସମ୍ଭାବ୍ୟ ତୃତୀୟ ଲହର ପୂର୍ବରୁ ଅଧିକରୁ ଅଧିକ ଟୀକାକରଣ ପାଇଁ ଯୋଜନା କରାଯାଇଛି। ଟୀକାକରଣରେ ପ୍ରଥମେ ସହରାଞ୍ଚଳକୁ ଫୋକସ କରାଯାଉଥିବା ବେଳେ ୮୦ ପ୍ରତିଶତ ସରିଲାଣି। ଏବେ ଗ୍ରାମାଞ୍ଚଳକୁ ଫୋକସ କରାଯାଉଛି। ତୃତୀୟ ଲହର ଏତେ ପ୍ରଭାବିତ ହେବନି ବୋଲି ଆଶା କରାଯାଉଛି। ୧୫ ପ୍ରତିଶତ ଶିଶୁ ଆକ୍ରାନ୍ତ ହେବା ଆଶଙ୍କା କରି ପ୍ରସ୍ତୁତି କରାଯାଉଛି। ସରଞ୍ଜାମ, ମାନବ ସମ୍ବଳ, ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି। ଆଜିଠୁ ଶିଶୁଙ୍କ ଚିକିତ୍ସା ନେଇ ତାଲିମ ଆରମ୍ଭ ହୋଇଛି। ଅଗଧାଡ଼ିର ଯୋଦ୍ଧା, ଅଙ୍ଗନବାଡି, ଆଶା ଦିଦି ମାନଙ୍କର ତାଲିମ ଶେଷ ହୋଇଛି। ଆଜିଠୁ ହସ୍ପିଟାଲ ଫେସିଇଟିରେ ଯେଉଁମାନେ ସଂଶ୍ଳିଷ୍ଟ ରହିବେ ସେମାନଙ୍କୁ ୬ ଟା ବ୍ୟାଚରେ ତାଲିମ ଆରମ୍ଭ ହୋଇଛି। ଆଗକୁ ଶିଶୁ ମାନେ ଯଦି ସଂକ୍ରମିତ ହୁଅନ୍ତି, ତେବେ ସେମାନେ କିପରି ସଠିକ ଚିକିତ୍ସା ପାଇପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି।

### ଦେଶରେ ପ୍ରଥମ
## ୯୬ ଲକ୍ଷ ପରିବାର ପାଇବେ ସ୍ମାର୍ଟ ହେଲ୍‌ଥ କାର୍ଡ

**ଭୁବନେଶ୍ୱର :** ଦେଶର ୭୫ତମ ସ୍ୱାଧୀନତା ଦିବସ ଅବସରରେ ରାଜଧାନୀର ପ୍ରଦର୍ଶନୀ ପଡିଆରେ ଜାତୀୟ ପତାକା ଉତ୍ତୋଳନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ ଲାଗୁ କରାଯାଉଛି। ଏଥିରେ ୩.୫ କୋଟି ଲୋକ ଉପକୃତ ହେବେ। ଏଥିଲାଗି ୯୬ ଲକ୍ଷ ପରିବାର ସ୍ମାର୍ଟ ହେଲ୍‌ଥ କାର୍ଡ ପାଇବେ। ଏହା ଦେଶରେ ପ୍ରଥମ। ଏହାଫଳରେ ରାଜ୍ୟରେ କେହି ଅର୍ଥାଭାବ ପାଇଁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବେନାହିଁ। ମୁଁ ସବୁବେଳେ କହିଆସିଛି, ସାରା ଓଡ଼ିଶା ମୋ ପରିବାର। ଏଥିରେ ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଓ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସୁବିଧା ମିଳିବ। କୋଭିଡ୍ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଅନ୍ୟମାନଙ୍କୁ ବାଟ ଦେଖାଇଛି। ଅନ୍ୟ ରାଜ୍ୟମାନଙ୍କୁ ଅକ୍ସିଜେନ ଯୋଗାଇବାରେ ଓଡ଼ିଶା ପ୍ରଥମ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହୃତ୍ ହକିର ଗୌରବକୁ ଫେରାଇ ଆଣିବା ଲାଗି ଆମେ ୨୦୧୮ରେ ଯେଉଁ ପ୍ରୟାସ ଆରମ୍ଭ କରିଥିଲୁ, ତାହାର ସୁଫଳ ମିଳିଛି। ଏଥିଲାଗି ଅଲିମ୍ପିକସରେ ହକି ପାଇଁ ଭାରତୀୟ ଦଳ ପଦକ ପାଇଛି। ଦେଶର ଗୌରବ ବଢ଼ିଛି। ୫-ଟି ଜରିଆରେ ରାଜ୍ୟର ୧୦୭୨ଟି ବିଦ୍ୟାଳୟର ରୂପାନ୍ତର କରାଯାଉଛି ବୋଲି ବି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ପ୍ରଥମେ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ରାଜ୍ୟବାସୀଙ୍କୁ ଦେଶର ୭୫ତମ ସ୍ୱାଧୀନତା ଦିବସ ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



## 'ଶିକ୍ଷା ଓ ନିଯୁକ୍ତିରେ ଓବିସିଙ୍କୁ ସଂରକ୍ଷଣ ନଦେଇ ବିଭ୍ରାନ୍ତ କରୁଛି ବିଜେଡି'

**ଭୁବନେଶ୍ୱର :** ୨୦୧୯ ବିଧାନସଭା ନିର୍ବାଚନରେ ବିଜେପି ୧୪୭ ବିଧାୟକ ପ୍ରାର୍ଥୀରୁ ଓବିସି ବର୍ଗରୁ ୫୧ ଜଣ ଅର୍ଥାତ୍ ୩୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରାର୍ଥୀ କରାଇଥିଲା। ରାଜ୍ୟରେ ଓବିସି ବର୍ଗର ସଂଖ୍ୟା ୫୪ ପ୍ରତିଶତରୁ ଅଧିକ ଥିବାବେଳେ ସେମାନଙ୍କ ବିନା ପ୍ରାର୍ଥୀତ୍ୱରେ ଓଡ଼ିଶାରେ ନିର୍ବାଚନ ଅସମ୍ଭବ। ତେବେ ବିଜେଡ଼ି ଆସନ୍ତା ପଂଚାୟତ ଓ ପରବର୍ତୀ ନିର୍ବାଚନରେ ୨୭ ପ୍ରତିଶତ ପଛୁଆ ବର୍ଗଙ୍କୁ ପ୍ରାର୍ଥୀ କରିବାର ଘୋଷଣା କରି ବିଜେଡ଼ି ଏହି ବର୍ଗର ଲୋକଙ୍କୁ ବିଭ୍ରାନ୍ତ କରିବାରୁ କ୍ଷାନ୍ତ ରହୁ ବୋଲି ବିଜେପି ରାଜ୍ୟ ଓବିସି ମୋର୍ଚ୍ଚାର ସଭାପତି ସୁରଥ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଆଜି ବିଜୁ ଜନତା ଦଳ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଓବିସି ବର୍ଗର ଲୋକଙ୍କୁ ବିଜେଡ଼ି ପଂଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବରେ ୨୭ ପ୍ରତିଶତ ଦେବ ବୋଲି ଘୋଷଣା କରିଛି । ଏହି ଘୋଷଣା ରାଜ୍ୟ ପଛୁଆ ବର୍ଗଙ୍କ ଉପରେ କୌଣସି ପ୍ରକାର ଲାଭ ଦେବ ନାହିଁ। ପଛୁଆ ବର୍ଗଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ଦୀର୍ଘ ଦିନ ଧରି ବଂଚିତ କରିଥିବା ରାଜ୍ୟ ସରକାର ସ୍ପଷ୍ଟ କରିବା ଦରକାର ଶିକ୍ଷା ଓ ଚାକିରି କ୍ଷେତ୍ରରେ ସବୁ ରାଜ୍ୟରେ ଓବିସି ମାନଙ୍କ ପାଇଁ ୨୭ପ୍ରତିଶତ ସଂରକ୍ଷଣ ଥିବା ବେଳେ କାହିଁକି ନାହିଁ। ଚାକିରି କ୍ଷେତ୍ରରେ ମଧ୍ୟ ୧୧.୨୫ ପ୍ରତିଶତର ସଂରକ୍ଷଣ କେଉଁ ସ୍ଥାନରେ ସୁନିଶ୍ଚିତ କରାଯାଇଛି। ରାଜ୍ୟର ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ହେଉଛନ୍ତି ଓବିସି ଓ ଏସଇବିସି ବର୍ଗ । ତେବେ ଏହି ବର୍ଗର ଲୋକମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଥିବା ସୁଯୋଗରୁ ବଂଚିତ ହୋଇଛନ୍ତି। ଯେଉଁ କାରଣରୁ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିନାହିଁ । ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଏହି ଜାତିଙ୍କ ପାଇଁ ଅଧିକ ପ୍ରତିଶତ ସଂରକ୍ଷଣ ଦେବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ଇନ୍ଦ୍ରା ସ୍ୱହନୀ ଓ ଭାରତ ସରକାରଙ୍କ କେସ୍ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ ବିଶେଷ ପରିସ୍ଥିତିରେ ସ୍ଥାନ ସଂରକ୍ଷଣ ନିର୍ଦ୍ଦିଷ୍ଟ ସୀମା ଠାରୁ ଅଧିକ ହୋଇପାରିବ ବୋଲି ରାୟ ପ୍ରକାଶ କରିଥିଲେ । ଦେଶର ୮୦ ପ୍ରତିଶତ ରାଜ୍ୟରେ ୫୦ ପ୍ରତିଶତରୁ ଅଧିକ ପଛୁଆ ବର୍ଗଙ୍କୁ ସଂରକ୍ଷଣ ଦିଆଯାଉଛି।

## ପାର୍ବଣ ପାଇଁ ମାର୍ଗଦର୍ଶିକା; ବିନା ଭକ୍ତରେ ପୂଜା

**ଭୁବନେଶ୍ୱର :** ବିନା ଭକ୍ତରେ ହେବ ପାର୍ବଣ ପୂଜା। ପାର୍ବଣ ପାଇଁ ଆସିଲା ଗାଇଡ଼ଲାଇନ୍। ରାଜ୍ୟରେ ଅଗଷ୍ଟରୁ ନଭେମ୍ବର ଯାଏଁ ହେବାକୁ ଥିବା ସମସ୍ତ ପର୍ବ ପାଇଁ ଆସିଲା ଗାଇଡ଼ଲାଇନ୍। ବିନା ଭକ୍ତରେ କେବଳ ରୀତିନୀତିରେ ପାଳନ ହେବ ସାମୂହିକ ପୂଜା ପାର୍ବଣ। ପର୍ବପର୍ବାଣୀରେ ଠାକୁରଙ୍କୁ ଦର୍ଶନ କରିପାରିବେନି ଭକ୍ତ। ସ୍କୁଲରେ କମ୍ ସଂଖ୍ୟକ ପିଲାଙ୍କୁ ନେଇ ପୂଜାର୍ଚ୍ଚନା କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଖବର ଅନୁଯାୟୀ, ରାଜ୍ୟରେ କରୋନା ସଂକ୍ରମଣ ଏବେ କମିବାରେ ଲାଗିଛି। ଯାହାକୁ ଦୃଷ୍ଟିରେ ରଖି ସରକାର ଏବେ ଲକ୍‌ଡାଉନ କଟକଣାକୁ କୋହଳ କରିଛନ୍ତି। କିନ୍ତୁ କରୋନାର ୩ୟ ଲହରକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ କୋହଳ ହୋଇଥିବା ବି କୋଭିଡ଼ କଟକଣାକୁ ମାନିବାକୁ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଉଛି। ଏହିପ୍ରରିପେକ୍ଷୀରେ ରାଜ୍ୟରେ ଅଗଷ୍ଟ ମାସରୁ ନଭେମ୍ବର ପର୍ଯ୍ୟନ୍ତ ଅନେକ ପର୍ବପର୍ବଣା



ଆସିଥାଏ। ତେଣୁ ଏହି ଲୋକ ଏକାଠି ହୋଇଥାନ୍ତି। ଯାହାଫଳରେ ସଂକ୍ରମଣ ବଢିବାର ଆଶଙ୍କା ରହିଥାଏ। କରୋନା ସଂକ୍ରମଣ ଯେପରି ଅଧିକ ଭୟାବହତା ନୁହେଁ, ସେଥିଲାଗି ରାଜ୍ୟ ସରକାର ଆଗାମୀ ପାର୍ବଣ ପାଇଁ ଗାଇଡ଼ଲାଇନ୍ ଜାରି କରିଛନ୍ତି। ରାଜ୍ୟରେ ନଭେମ୍ବର ଯାଏଁ ହେବାକୁ ଥିବା ସମସ୍ତ ପର୍ବପର୍ବାଣୀ ଉପରେ କଠୋର କଟକଣା ଲଗାଇଛନ୍ତି। ଖାସ୍ କରି ଆଗାମୀ ଦିନର ହେବାକୁ ଥିବା ପୂଜାରେ ଭକ୍ତର ପ୍ରବେଶ ଉପରେ ରୋକ ଲଗାଯାଇଛି। ବିନା ଭକ୍ତରେ କେବଳ ରୀତିନୀତିରେ ପାଳନ ହେବ ସାମୂହିକ ପୂଜା ପାର୍ବଣ। ପର୍ବ ପର୍ବାଣୀରେ ଠାକୁରଙ୍କୁ ଦର୍ଶନ କରିପାରିବେନି ଭକ୍ତ। ସେହିପରି ସ୍କୁଲରେ କମ୍ ସଂଖ୍ୟକ ପିଲାଙ୍କୁ ନେଇ ପୂଜାର୍ଚ୍ଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭକ୍ତ ନ ଦେଖିଲା ଭଳି ମୂର୍ତ୍ତିକୁ ଚାରିପଟୁ ଆବଦ୍ଧ କରାଯିବ। ମୂର୍ତ୍ତିର ସର୍ବାଧିକ ଉଚ୍ଚତା ୪ ଫୁଟ୍‌ରୁ ଅଧିକ ରହିବ ନାହିଁ। ମୂର୍ତ୍ତି ଭସାଣ ବେଳେ ଶୋଭାଯାତ୍ରା ହୋଇପାରିବନାହିଁ। ପୂଜା ବେଳେ ମଣ୍ଡପରେ ୭ ଜଣରୁ ଅଧିକ ରହିବା ମନା। ମଣ୍ଡପରେ ସାମାଜିକ ଦୂରତା ସହ ମାସ୍କ ପିନ୍ଧିବା ଓ ସାନିଟାଇଜେସନକୁ ଗୁରୁତ୍ୱ ଦିଆଯାଇଛି। କୌଣସି ବିସର୍ଜନ ଶୋଭାଯାତ୍ରା ହୋଇପାରିବ ନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷ ତିଆରି କରିଥିବା ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯିବ। ପାର୍ବଣ ବେଳେ କୌଣସି ସଙ୍ଗୀତ କିମ୍ବା ସାଂସ୍କୃତି ଓ ମନୋରଞ୍ଜନ କାର୍ଯ୍ୟକ୍ରମ ହେବନାହିଁ। କେହି ଆଇନର ଉଲ୍ଲଙ୍ଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍‌ଆରସିଙ୍କ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ କୋକସରାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ଯୁଗଳ କିଶୋର ନାଏକ
ପାକ୍ସ ସେକ୍ରେଟାରୀ, କାଶୀବାହାଲ ଗ୍ରାମ ପଞ୍ଚାୟତ
କୋକସରା

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ଫୁପଗାଁବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



କୀର୍ତ୍ତନ ଶବର
ସରପଞ୍ଚ, ଫୁପଗାଁ ଗ୍ରାମ ପଞ୍ଚାୟତ
କୋକସରା

୭୫ତମ ସ୍ୱାଧୀନତା ଦିବସ ଓ ରକ୍ଷାବନ୍ଧନ ଉପଲକ୍ଷେ ଭବାନୀପାଟଣାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
Cell : 7008945397
Rajasthan
BHOJANALAYA & SWEETS
Near Satyam Cinema Hall
BHAWANIPATNA

### ବକ୍ରବାଣୀ



ଚାଲ ଭାଇ ଆମେ ଗରୀବ ହବା
ମାଗଣା ଚାଉଳ ଘରକୁ ନବା
ଚାରି କୋଟି ଏଠି ମାଗଣାଖିଆ
ଆମେ ଆଉ ବାକି ରହିବା କିଆଁ
ଚାଉଳ ବିକିକି ମଦ ପିଇବା
ନିଶାରେ ଛାମୁଁଙ୍କ ଗୁଣ ଗାଇବା
ନାଚିବା ଗାଇବା ଛାମୁଁଙ୍କ ପାଇଁ
ତାଙ୍କ ମନେ ଦୁଃଖ ଦବାନି ଭାଇ
ଯିଏ ଯେତେ ପାରେ ଲୁଟିକି ଖାଉ
ତେଣିକି ରାଇଜ ଚୁଲିକି ଯାଉ।
—ଟୁଟୁ

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ବନ୍ତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ଅଜୟ କୁମାର ପୃଷ୍ଟି
ଏମ୍‌ଏ (ରାଜନୀତି ବିଜ୍ଞାନ, ଓଡ଼ିଆ, ଇଂରାଜୀ), ଏମ୍.ଇଡି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ
ପ୍ରଧାନ ଶିକ୍ଷକ, ସରକାରୀ ଉ.ପ୍ରା. ବିଦ୍ୟାଳୟ, ବସନ୍ତିଆ, ବନ୍ତ
ଏପିଆଇଓ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ, ବନ୍ତ

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ।



ସୁଧିର କୁମାର ଦାଶ
ଜିଲ୍ଲା ସଭାପତି, ବିଜୁ ଜନତା ଦଳ, ରାୟଗଡ଼
ଉପଦେଷ୍ଟା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଓଡ଼ିଶା ସରକାର

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ।



ଜି. ରବିକୁମାର
ସଭାପତି, ବ୍ଲକ ବିଜୁ ଜନତା ଦଳ
କୋଲନରା, ରାୟଗଡ଼



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୬ - ୨୨ ଅଗଷ୍ଟ, ୨୦୨୧

# ପରିପୂର୍ଣ୍ଣତାର ପରିଭାଷା

ସମ୍ପାଦକୀୟ
ତାରକ ମହାନ୍ତି



ସମୟର ସ୍ରୋତ ଏତେ ପ୍ରଖର ଯେ ସେ ଭିତରେ ମଣିଷ କେଉଁଠୁ ଭାସି କେଉଁଠି ଲାଗିବ ତାହାର କଳ୍ପନା କରିବା ଅସମ୍ଭବ। ତେଣୁ ତା'ରି ଭିତରେ କର୍ମମୟ ଜୀବନକୁ ସଠିକ ମାର୍ଗରେ ଆଗେଇ ନେବାରେ ହିଁ ପୂର୍ଣ୍ଣତା ରହିଥାଏ ବୋଲି ମୋର ବିଶ୍ୱାସ। ପରିପୂର୍ଣ୍ଣତା ପ୍ରସଙ୍ଗ ଏହାର ସଠିକ ସିଦ୍ଧାନ୍ତ କଣ ବୋଲି ହୁଏତ କେହି ଜାଣିନଥିବେ। ବିଦ୍ୱାନ ଓ ଗୁଣି ମଣିଷ ମାନେ ଜୀବନ ଦର୍ଶନକୁ ନିଜ ନିଜ ଦାର୍ଶନିକ ଢ଼ଙ୍ଗରେ ଅବତାରଣା କରନ୍ତି। ବାସ୍ତବରେ ପରିପୂର୍ଣ୍ଣତାର ସଠିକ ନିର୍ଣ୍ଣୟ କେଉଁ ଆଧାରରେ ସ୍ଥିର କରାଯାଇପାରିବ ତାହା ବ୍ୟକ୍ତିର ଜୀବନ ଶୈଳୀ, ମାନସିକତା, ଭାବଧାରା ଓ ବିଶ୍ୱାସ ଉପରେ ନିର୍ଭର କରେ। ଅତ୍ୟଧିକ ଆନନ୍ଦରେ ଜଣେ ପରିପୂର୍ଣ୍ଣ ବୋଲି ଭାବିବା ଠିକ୍ ନୁହେଁ। କାରଣ ଏଥିରେ ମୁହୂର୍ତ୍ତ ମୁହୂର୍ତ୍ତରେ ପରିବର୍ତ୍ତନ ଆସିଥାଏ। ଯାହାକି ଗୋଟିଏ କ୍ଷଣରେ ଘଟଣାକୁ ଦୁର୍ଘଟଣାରେ ପରିବର୍ତ୍ତନ କରିଦେବା ଅସମ୍ଭବ ନୁହେଁ। ତେଣୁ ବିଚାରଗତ ଭାବଧାରା ଯେ ସବୁ ସମୟରେ ସମାନ ରହିବ ଏକଥା ବି ନୁହେଁ। ପ୍ରତ୍ୟେକ ବ୍ୟକ୍ତିର ଜୀବନ ଏକ କସଟି ପଥରରେ ପରୀକ୍ଷା ହୋଇଚାଲିଛି। ଏହି ପରୀକ୍ଷାରେ ସମସ୍ତେ ଯେ ଉତ୍ତୀର୍ଣ୍ଣ ହେବେ ଏହାର କିଛି ଗ୍ୟାରେଣ୍ଟି ମଧ୍ୟ ନାହିଁ। ଅତଏବ ଜୀବନ ଚକ୍ରର ଗତିରେ ବିବିଧତା ଭରି ରହିଛି। ଏହି ବିବିଧତା ମଧ୍ୟରେ ଜୀବନର ଅସଲ ସ୍ୱରୂପକୁ ଚିହ୍ନି ବାସ୍ତବ ଜୀବନ କିଭଳି ହେବା ଉଚିତ ବୋଲି ଭାବିଲେ ହୁଏତ କିଛି କିଛି ଘଟଣା କ୍ରମ ଅସଜଡାରୁ ସଜାଡି ହୋଇପାରେ। ମାତ୍ର ଏହା ଆରମ୍ଭ ବୋଲି କୁହାଯାଇପାରେ, କିନ୍ତୁ ଶେଷ ନୁହେଁ। ବିଶ୍ୱରେ ଯେତିକି ଲୋକ ବସବାସ କରନ୍ତି ସମସ୍ତେ ସମାନ ଅବସ୍ଥିତିରେ ଅଛନ୍ତି ବୋଲି କେହି ସ୍ୱୀକାର କରିବେ କି ! ନା, କାରଣ ପ୍ରତି ମଣିଷର କର୍ମ, ଜଞ୍ଜାଳ ଓ ଦୁଃଖ ଭିନ୍ନ ଭିନ୍ନ ସ୍ତରରେ ରହିଥାଏ। କାହାକୁ କ୍ଷୁଧା ଲାଗୁଥିଲା ବେଳେ ଆଉ କିଏ ବସ୍ତ୍ର ଖଣ୍ଡିଏ ଖୋଜୁଥାଏ। କାହା ମଥାରେ ଚାଳ ନଥିଲା ବେଳେ କେହି କେହି ପଞ୍ଚ ତାରକା ହୋଟେଲ ଭଳି ବାସଭବନରେ ଥାଇ ଜୀବନକୁ ଉପଭୋଗ କରୁଥାଇପାରନ୍ତି। ହେଲେ ସେମାନେ ଯେ ସୁଖ ଶାନ୍ତିରେ ରହିଛନ୍ତି ଏହା ଚିନ୍ତା କରିବା ଠିକ୍ ନୁହେଁ। କାରଣ ତାଙ୍କର ମଧ୍ୟ ସେହି ହସଖୁସି ମଧ୍ୟରେ ବିଷାଦ, ଯନ୍ତ୍ରଣା ଓ ଅନେକ ଅକୁହା ବେଦନା ଭରି ରହିଥାଏ। ଯାହାକୁ ସାଧାରଣ ଲୋକ ସହଜରେ ଅନୁମାନ ନ କରିପାରିଲେ ବି ଧନାର୍ଢ୍ୟ ବ୍ୟକ୍ତିମାନେ ନିଜ ସମ୍ପତ୍ତି ବଢ଼ାଇବା, ଟିକସ ଭରିବା ଓ ସନ୍ତାନସନ୍ତତିଙ୍କ ଚିନ୍ତାରେ ମଧ୍ୟ ମ୍ରିୟମାଣ ହୋଇପାରନ୍ତି। ବେଳେବେଳେ ଶିଳ୍ପ କାରଖାନା ପାଇଁ କରିଥିବା ଋଣକୁ ନେଇ ଚିନ୍ତାରେ ଥା'ନ୍ତି। ଯାହାକି ପ୍ରକାଶଯୋଗ୍ୟ ହୋଇନଥିଲେ ବି ଦୁଃଖ ଯନ୍ତ୍ରଣା ସେମାନଙ୍କୁ ମଧ୍ୟ ବିବସ କରୁଥାଏ। ତଥାପି ସାଧାରଣରେ ସେମାନଙ୍କୁ ପରିପୂର୍ଣ୍ଣ ଜୀବନ ବିତାଉଥିବାର ଚର୍ଚ୍ଚା ହୋଇଥାଏ। ବାସ୍ତବକଥାଟି ହେଉଛି ଏହି ପରିପୂର୍ଣ୍ଣତା ବା ପରିପକ୍ୱତାର ପରିଭାଷା ସାମୟିକ ସଫଳତାରେ ମିଳିନଥାଏ। ଯେପରିକି ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ ଜଣେ ଯେ, ଜୀବିନ ପାଇଁ ସଫଳ ହୋଇଗଲା ଏହାର କିଛି ଅର୍ଥ ନାହିଁ। କାରଣ ଜୀବନ ଏମିତି ଏକ ଗଡାଣିଆ ଜଳସ୍ରୋତ ଯେ, ତାହା କେତେବେଳେ କେଉଁ ବଙ୍କିଳ ପଥ ଦେଇ ଗତି କରେ ତାହାର କିଛି ଇୟତା ନଥାଏ। କେତେବେଳେ ଟାଙ୍ଗର ଭୂଇଁ କଡେ କଡେ ଜଳସ୍ରୋତ ଗଲା ବେଳେ ଆଉ କେବେ ବଣ ପାହାଡ ମୂଳକ ଦେଇ ଗତି କରିବାକୁ ପଡେ। କେବେ କର୍କଷ ଓ କେବେ ନରମ ଅନୁଭବ ନେଇ ଆଗକୁ ବଢ଼ିଲା ବେଳେ ଜୀବନ ଯେମିତି ବିଭିନ୍ନ ଘଟଣାକ୍ରମରେ ଛନ୍ଦିହୋଇ ପଡିଥାଏ ସେହିଭଳି ନଦୀଟିଏ ଆଗକୁ ବଢ଼ିଲା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ମଧ୍ୟ ହୋଇଥାଏ। ହେଲେ ନଦୀ ନିଜ ଗତିପଥ ନିଜେ ନରୋକି ଆଗକୁ ବଢ଼ିବାର ଶପଥ ନେଲା ଭଳି ମଣିଷ ମଧ୍ୟ ସେମିତି ଧୀରେ ଧୀରେ ଆଗକୁ ବଢ଼ିବାର ପ୍ରଚେଷ୍ଟା ଜାରିରଖେ। କେତେବେଳେ ଏହି ପ୍ରଚେଷ୍ଟାର ଫଳ ମଧୁର ହୋଇଯାଏ ତାହା ପୂର୍ବରୁ କଳ୍ପନା କରାଯାଇ ନଥାଏ। ବେଳେବେଳେ ଏମିତି ବି ହୁଏ ଅନେକ ପ୍ରଚେଷ୍ଟାର ଫଳ ବିଫଳତାର ଶୀର୍ଷରେ ପହଞ୍ଚାଇ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରିପାରେ। ତେଣୁ ଜୀବନ ଏମିତି ଏକ ସମୟ ଦେଇ ଗତି କରିଥାଏ ଯେଉଁଠି ଅନେକ ଲୋକଙ୍କର ମେଳା ହୋଇପାରେ କିମ୍ବା ନିର୍ବାସିତ ଜୀବନର ବିଳାପ ବି କରିବାକୁ ପଡିପାରେ। ଏଥିରୁ ପରିପୂର୍ଣ୍ଣତା ମିଳିଛି ବୋଲି କେହି କେବେ ସହଜରେ କହିପାରିବ କି ! ପେଟର ଭୋକରୁ ଆରମ୍ଭ କରି ବସ୍ତ୍ର, ବାସଗୃହ, ବ୍ୟାଧି ସମୟରେ ଔଷଧ ଭଳି ନାନା ପ୍ରକାର ପର୍ଯ୍ୟାୟ ଦେଇ ମଣିଷ ଗତି କରୁଥିଲା ବେଳେ ସୁଅ ମୁହଁରେ ପତରକୁ ଆଶ୍ରା କଲା ଭଳି କେବେ କିଏ କାହାକୁ କିଭଳି ସହଯୋଗ କରେ ବା ହତାଦାର କରେ ତାହାର ପୂର୍ବ ଆକଳନ ଆଦୌ ସହଜ ନୁହେଁ। କିଛି ବ୍ୟକ୍ତି ଅନ୍ୟର ସହଯୋଗ ଉପରେ ନିର୍ଭର କରି ନିଜକୁ ପରିପୂର୍ଣ୍ଣ କହିବା ନଜିର ରହିଥିଲେ ବି ବାସ୍ତବରେ ତାହା ପୂର୍ଣ୍ଣତା ନୁହେଁ। ଏକ ଭ୍ରମ ଧାରଣାକୁ ନେଇ ମଣିଷ ଅନ୍ୟକୁ ବିଶ୍ୱାସ କରିପାରେ ବା ଅବିଶ୍ୱାସ କରିପାରେ ହେଲେ ଏହାର ସୁଦୂରପ୍ରସାରୀ ପ୍ରଭାବ କ'ଣ ରହିଛି ତାହା ଶେଷ ସମୟରେ ହିଁ ଜଣାପଡିଥାଏ। ଅନେକାଂଶରେ ଦେଖାଯାଇଛି ଯେଉଁମାନେ ନିଜକୁ ସହଜ, ସରଳ ଓ ବିଶ୍ୱାସୀ ବୋଲି କହିଥାନ୍ତି ପରମୁହୂର୍ତ୍ତରେ ସେମାନେ ଅବିଶ୍ୱାସର ପାହାଡ ଭଳି ଅନ୍ୟର ସାମ୍ନା କରିବା ସହିତ ଅନ୍ୟକୁ ଅନେକ ଦୁଃଖ ଯନ୍ତ୍ରଣା ଦେଇପାରନ୍ତି। କେତେକ କଥା ବୋଧଗମ୍ୟ ନହୋଇଥିଲେ ବି ପରବର୍ତ୍ତୀ ସମୟରେ ପ୍ରକାଶ୍ୟରେ ଏହା ଯେତେବେଳେ ଜଣାପଡେ ତାହା ନେଡିଗୁଡ କହୁଣୀକୁ ବୋହିଗଲା ପରି ସମସ୍ୟା ସୃଷ୍ଟି କରିସାରିଥାଏ। ଯେଉଁଥିରୁ ନିସ୍ତାର ପାଇବା ପାଇଁ ମଣିଷ ଯେଉଁ ବିକଳ କ୍ରନ୍ଦନ କରେ ତାହା ଶୁଣିବାକୁ ହୁଏତ ଆଖପାଖରେ କେହି ନଥାନ୍ତି। ଏହି ଅସହାୟ ମୁହୂର୍ତ୍ତରେ ଜୀବନ ଯନ୍ତ୍ରଣା ମଧ୍ୟରେ ପୂର୍ବ ବର୍ଣ୍ଣିତ ପରିପୂର୍ଣ୍ଣତା କୁଆଡେ ଉଭାନ ହୋଇଯାଇଥାଏ। କେତେକ କ୍ଷେତ୍ରରେ ଦେଖାଯାଇଛି ଯେ, ଯେଉଁ ପିଲାଙ୍କ ପାଇଁ ବାପା-ମା' ମୁଣ୍ଡଝାଳ ତୁଣ୍ଡରେ ମାରି ନିଜ ଜୀବନଟାକୁ ତୁଚ୍ଛ କରିଦେଇଥାନ୍ତି, ସେହି ପିଲାମାନେ ହିଁ ତାଙ୍କ ଶେଷ ଜୀବନର ସାହାରା ହେବା ପରିବର୍ତ୍ତେ ଶତ୍ରୁ ହୋଇ ଠିଆ ହୁଅନ୍ତି। ଭାବିଲେ, ଏହା କେତେ କଷ୍ଟଦାୟକ। ଆଜିକାଲିର ସଂସାରରେ ଏଭଳି ଅନେକ ଘଟଣା ଆଖିସାମ୍ନାରେ ଘଟୁଥିଲା ବେଳେ ପ୍ରତି ମଣିଷ ଅସହାୟ ପଣ ନେଇ ବଞ୍ଚୁଥିଲେ ବି ବାହାରକୁ ଦାନ୍ତ ଦେଖାଇ ହସୁଥିବାର ଅଭିନୟ କରିଥାନ୍ତି। ତେଣୁ କେଉଁ ଜୀବନକୁ ଆମେ ଏକ ପରିପୂର୍ଣ୍ଣ ଜୀବନ ବୋଲି କହିପାରିବା। କେଉଁଠି ଜମିବାଡିକୁ ନେଇ ଭାଇ ଭାଇ ମଧ୍ୟରେ ହଣାକଟା ତ ଆଉ କେଉଁଠି ସମ୍ପତ୍ତି ଭାବବଣ୍ଟାରାକୁ ନେଇ ପରିବାର ଭିତରେ ଦୁର୍ବାର ଝଡ ଏଭଳି ପରିସ୍ଥିତି ସୃଷ୍ଟି କରେ ଯେ, ଜୀବନ ଥାଇ ନଥିଲା ପରି ଅନୁଭବ ହୋଇଥାଏ। ତେବେ ପରିପୂର୍ଣ୍ଣତା ସମ୍ପର୍କର ଆଧାର କି ସମ୍ପର୍କ ପରିପୂର୍ଣ୍ଣତାର ଆଧାର ତାହାକୁ ଭଲ ଭାବେ ନିରୀକ୍ଷଣ କରିବାକୁ ହେବ। ନିଜର ଜୀବନ କାଳରେ ମଣିଷ ଯେତିକି ଭଲ କର୍ମ କରେ ତା' ହୁଏତ ତା' ପାଇଁ ସଫଳତା ବା ପରିପୂର୍ଣ୍ଣତା ବୋଲି ବିଚାର କରାଯିବ। ଧନ, ସମ୍ପତ୍ତି ପରିପୂର୍ଣ୍ଣତାର ମାପକାଠି ଆଦୌ ହୋଇନପାରେ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସ୍ୱାଧୀନତା ଆନ୍ଦୋଳନରେ ବିଦେଶିନୀ



ଡଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ଓ ପରାଧୀନତାର ଲାଭ ଓ କ୍ଷତି ବିଷୟରେ ଆଜିର ଭାରତବର୍ଷର ଶିକ୍ଷିତ ନାଗରିକମାନଙ୍କୁ କିଛି ବୁଝାଇ କହିବାର ପ୍ରୟୋଜନ ନାହିଁ । ସମଗ୍ର ବିଶ୍ୱର ପ୍ରେକ୍ଷାପଟକୁ ତଥା ବିଭିନ୍ନ ଦେଶର ଶାସନ ବ୍ୟବସ୍ଥାକୁ ଅନୁଶୀଳନ କରି ଗଣତାନ୍ତ୍ରିକ ବ୍ୟବସ୍ଥା ଯେ ସର୍ବୋତ୍କୃଷ୍ଟ ପନ୍ଥା, ଏକଥା ମଧ୍ୟ ଜୋର ଦେଇ କହିବାର ଆବଶ୍ୟକତା ନାହିଁ । ଚଳିତ ବର୍ଷ ଭାରତ ସ୍ୱାଧୀନତା ଦିବସର ୭୫ବର୍ଷର ପୂର୍ତ୍ତି ଅନୁଷ୍ଠିତ ହେବାକୁ ଯାଉଛି। ଭାରତର ଭୂଇଁ ବିଦେଶୀ ବିଦେଶିନୀମାନଙ୍କୁ ସର୍ବଦା ଆକର୍ଷିତ କରିଆସିଛି । ସେଭଳି ଚିରନ୍ତନ ଆକର୍ଷଣ ଏଡ଼ାଇ ନପାରି ଅନେକ ରହିଯାଇଛନ୍ତି ଭାରତରେ । ମିଶିଯାଇଛନ୍ତି ଭାରତୀୟ ସମାଜ-ସଂସ୍କୃତି ଭିତରେ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ବେଳେ ଏକାଧିକ ବିଦେଶୀ ମହିଳା 'ଭାରତ' ନାମକ ମାୟାରେ ପଡ଼ି ସେଥିରେ ସାମିଲ ହୋଇଥିବାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ରହିଛି । ଆସ ସେଭଳି କେତେ ଜଣ ବିପ୍ଳବିନୀଙ୍କୁ ଜାଣିବା ।

ଭଉଣୀ ନିବେଦିତା : ତାଙ୍କର ମୂଳ ନାମ ମାର୍ଗାରେଟ୍ ଏଲିଜାବେଥ୍ ନୋବେଲ୍ ଏବଂ ଜାତୀୟତା ଆଇରିସ୍ । ଆୟାରଲାଣ୍ଡର ଏକ ସଂଭ୍ରାନ୍ତ ପରିବାରରେ ଜନ୍ମିତ ନିବେଦିତା ସ୍ୱାମୀ ବିବେକାନନ୍ଦଙ୍କ ପଟ୍ଟଶିଷ୍ୟା ଭାବେ ସର୍ବତ୍ର ଜଣାଶୁଣା । ସ୍ୱାମୀଜି ହିଁ ତାଙ୍କୁ ଦେଇଥିଲେ 'ନିବେଦିତା' ନାମ । ରାମକୃଷ୍ଣ ମିସନ୍ ମଧ୍ୟରେ ରହି ସେ ଭାରତରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ କଳାପରେ ସାମିଲ କରିଥିଲେ ନିଜକୁ । ଫିରଙ୍ଗୀ ପୁଲିସ୍ କବଳରୁ ବର୍ତ୍ତିବା ପାଇଁ ଦେଶତ୍ୟାଗ କରିବା ନିମନ୍ତେ ସେ ଶ୍ରୀ ଅରବିନ୍ଦଙ୍କୁ ପ୍ରଭାବିତ କରିଥିଲେ । ପୁଣି ତାଙ୍କ ଦ୍ୱାରା ପ୍ରକାଶିତ 'କର୍ମଯୋଗୀନ' ପତ୍ରିକାର ସଂପାଦନା ଦାୟିତ୍ୱ ନେଇଥିଲେ ।

ଆଗ୍ନେସ୍ ସ୍ମେଡଲେ : କୁହାଯାଏ ଆଗ୍ନେସ୍ ହେଉଛନ୍ତି ପ୍ରଥମ ବିଦେଶିନୀ ଯିଏ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପରୋକ୍ଷ ଭାବେ ଜଡ଼ିତ ହେଇ କାରାଦଣ୍ଡ ଭୋଗିଥିଲେ ଆମେରିକାରେ । ଏହି ନାମଟି ସହ ଭାରତୀୟମାନେ ବିଶେଷ ଭାବେ ପରିଚିତ ନ ଥିଲେ ହେଁ ଏକଦା ସେ ଭାରତୀୟ ବିପ୍ଳବୀ ଲାଲ ଲାଜପତ୍ ରାଏ, ଶୈଳେନ୍ଦ୍ରନାଥ ଘୋଷ, ଭାଇ ଭଗବାନ ସିଂ, ତରକନାଥ ଦାସ, ବୀରେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଆଦିଙ୍କ ସହ ସଂପର୍କିତ ଥିଲେ, ସେମାନଙ୍କ ସହ ଆଲୋଚନାରେ ଭାଗନେବା ଠାରୁ ଆରମ୍ଭ କରି ନିଜର ଜନ୍ମଭୂମି ଆମେରିକାରେ ବ୍ରିଟିସ୍ ବିରୋଧୀ କାର୍ଯ୍ୟ-କଳାପରେ ସଂପୃକ୍ତ ଥିଲେ । ବୀରେନ୍ଦ୍ରନାଥଙ୍କ ସହ ଜର୍ମାନି, ଋଷିଆ ଆଦି ଘୂରି ବୁଲି ସେ ଭାରତର ସ୍ୱାଧୀନତା ସପକ୍ଷରେ ସେଠାକାର ଶାସକମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଥିଲେ।

ଆନିବେସାନ୍ତ : ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ପ୍ରତ୍ୟକ୍ଷ ଭାବେ ସଂପୃକ୍ତି ଥିବା ଆଉ ଜଣେ ବିଦେଶିନୀ ହେଲେ ଆନି ଉଡ୍ ଓରଫ ଆନି ବେସାନ୍ତ । ଲଣ୍ଡନ ଜନ୍ମିତ ଆନି ସତଚାଳିଶ ବର୍ଷ ବୟସରେ ଭାରତରେ ପଦାର୍ପଣ କରିଥିଲେ । ପ୍ରାରମ୍ଭିକ ସ୍ତରରେ ଭାରତରେ ସାମାଜିକ ସଂସ୍କାର ଏବଂ ଶିକ୍ଷାର ପ୍ରସାର ଆଦି କ୍ଷେତ୍ରରେ ସେ କାର୍ଯ୍ୟ କରିଥିଲେ । ପରେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଦାବି କରି ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ କରିଥିଲେ । ତାହା ଥିଲା 'ହୋମ୍-ରୁଲ୍ ମୁଭମେଣ୍ଟ' । 'ନିଉ ଇଣ୍ଡିଆ' ପତ୍ରିକାରେ ସେ ନିୟମିତ ଭାବେ ବ୍ରିଟିସ୍ ସରକାର ବିରୋଧରେ ଲେଖୁଥିଲେ । ତାଙ୍କୁ ଗିରଫ କରି କିଛି ଦିନ କାରାଗାରରେ ଅଟକ ମଧ୍ୟ ରଖାଯାଇଥିଲା । ୧୯୧୭ କଲିକତା ଜାତୀୟ କଂଗ୍ରେସରେ ତାଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରାଯାଇଥିଲା ।

ମୀରାବେନ୍ : ମୀରାବେନ୍‌ଙ୍କ ମୂଳ ନାଁ ମ୍ୟାଡେଲିନ୍ ସ୍ଲାଡ୍ । ମ୍ୟାଡେଲିନ୍ ଜନ୍ମ ହୋଇଥିଲେ ଲଣ୍ଡନରେ ଜନୈକ ବ୍ରିଟିସ୍ ନୌ-ସେନାଧକ୍ଷ ସାର୍ ଏଡ଼ମଣ୍ଡ ସ୍ଲାଡ୍‌ଙ୍କ କନ୍ୟା ଭାବେ । ଉଚ୍ଚ ପଦସ୍ଥ ଇଂଲିସ୍ କର୍ମଚାରୀଙ୍କର ଏହି ଗେହ୍ଲା ଝିଅ ଶୈଶବରେ ମହାତ୍ମାଙ୍କ ଏକ ଲେଖା ପଢ଼ି ତାଙ୍କ ଆଦର୍ଶରେ ପରିଚାଳିତ ହୋଇଥିଲେ । ପରେ ସେ ଭାରତକୁ ନିଜର କର୍ମକ୍ଷେତ୍ର ଭାବେ ଗ୍ରହଣ କରି ମହାତ୍ମାଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ମ୍ୟାଡେଲିନ୍ ଏକାଧିକ ଥର ଜେଲ ଯାଇଥିଲେ । ମହାତ୍ମା ତାଙ୍କୁ 'ମୀରା' ନାମ ଦେଇଥିଲେ । ସାବରମତୀ ଆଶ୍ରମରେ ତାଙ୍କର ସମୟ କଟୁଥିଲା । ଭାରତ ଆସିବା ପରେ ଶାଢ଼ିକୁ ସେ ନିଜର ପରିଧେୟ ଭାବେ ଗ୍ରହଣ କରିଥିଲେ । ମହାତ୍ମାଙ୍କ ମୃତ୍ୟୁ ପରେ ସେ କିଛି ବର୍ଷ ଋଷିକେଶରେ ରହିବା ପରେ ଅଷ୍ଟ୍ରିଆ ଚାଲିଯାଇଥିଲେ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ*
*ଦୂରଭାଷ : ୯୯୩୭୧୭୨୮୧୦*

## ଭାରତ ବାହାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ

ବ୍ରିଟିଶ ଶାସନ କବଳରୁ ନିସ୍ତାର ପାଇବା ପାଇଁ ଆରମ୍ଭ ହୋଇଥିବା ଭାରତୀୟ ସ୍ୱାଧୀନତା ସଂଗ୍ରାମ କୌଣସି ସମୟରେ କେବଳ ଭାରତ ଭିତରେ ସୀମିତ ନଥିଲା । ସେହି ମହାସଂଗ୍ରାମର ଧ୍ୱନି ଝଙ୍କୃତ ହୋଇଥିଲା ସୁଦୂର ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ବ୍ରିଟେନ୍, ମେକ୍ସିକୋ, ସୁଇଜରଲ୍ୟାଣ୍ଡ, ଫ୍ରାନ୍ସ, ଜର୍ମାନି, ଇଟାଲି, ଜାପାନ, ଥାଇଲାଣ୍ଡ, ସିଙ୍ଗାପୁର, ଆଫଗାନିସ୍ତାନ ଭଳି ବିଦେଶୀ ରାଷ୍ଟ୍ରମାନଙ୍କରେ । ବିଦେଶରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ଘଟାଇଥିବା ବ୍ୟକ୍ତି ଜଣକ ଥିଲେ ଶ୍ୟାମଜି କୃଷ୍ଣବର୍ମା । ଗୁଜୁରାଟର କଚ୍ଛ ଅଞ୍ଚଳରେ ଜନ୍ମିତ କୃଷ୍ଣବର୍ମା ଲଣ୍ଡନର ଅକ୍ସଫୋର୍ଡ଼ ପଢ଼ିବା ପରେ ବିଦେଶରେ ହିଁ ଆରମ୍ଭ କରିଥିଲେ ନିଜର ସଂଗ୍ରାମୀ ଜୀବନ । ସେ ବ୍ରିଟେନ୍, ଫ୍ରାନ୍ସ, ସୁଇଜରଲାଣ୍ଡକୁ ବନାଇଥିଲେ ନିଜର କର୍ମକ୍ଷେତ୍ର । ମହାରାଷ୍ଟ୍ରର ବିନାୟକ ଦାମୋଦର ସବରକର, ଅମୃତସରର ମଦନଲାଲ ଧୀଙ୍ଗ୍ରା, ମୁମ୍ବାଇର ମାଡ଼ମ୍ ଭିକାଜୀ ରାଓ କାମା, ସର୍ଦ୍ଦାର ସିଂ ରାଓଜି ରାଣା, ସରୋଜିନୀ ନାଇଡୁଙ୍କ ବଡ଼ ଭାଇ ବୀରେନ୍ଦ୍ରନାଥ ବନ୍ଦୋପାଧ୍ୟା, ସ୍ୱାମୀ ବିବେକାନନ୍ଦଙ୍କ କନିଷ୍ଠ ଭ୍ରାତା, ଭୂପେନ୍ଦ୍ରନାଥ ଦତ୍ତ, ରାସବିହାରୀ ବୋଷ ଏବଂ ମହମ୍ମଦ ବରକତ୍ ଉଲ୍ଲା ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ କୃଷ୍ଣବର୍ମାଙ୍କ ସଂସ୍ପର୍ଶରେ ଆସି କ୍ଷେତ୍ର ରୂପେ । ପୁଣି ଏମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିବ ନେତାଜି ସୁଭାଷ ଚନ୍ଦ୍ର ବୋଷଙ୍କ ନାମ । ନେତାଜି ବିଦେଶୀ ଶକ୍ତିଙ୍କ ସହାୟତା ନେଇ ଗଢ଼ିଥିଲେ 'ଆଜାଦ୍ ହିନ୍ଦ୍ ଫୌଜ୍' ବିଦେଶରେ । ପରାଧୀନ ଭାରତକୁ ଆକ୍ରମଣ କରି ବ୍ରିଟିସ୍ ଶାସକଙ୍କୁ ତଡ଼ିବା ଥିଲା ତାଙ୍କର ଲକ୍ଷ୍ୟ । ସେ ନିଜ ଲକ୍ଷ୍ୟରେ କିଛି ପରିମାଣରେ ସଫଳ ହୋଇ ଭାରତର ଏକ ଅଂଶକୁ କିଛି ଦିନ ପାଇଁ ସ୍ୱାଧୀନ କରିପାରିଥିଲେ । ତେବେ ଠିକ୍ ସମୟରେ ବାହ୍ୟ ସହାୟତା ନ ମିଳିବାରୁ ପରିଣାମ ଯାଇଥିଲା ତାଙ୍କ ବିପକ୍ଷରେ ।

# ଆମେ କେତେ ସ୍ୱାଧୀନ



ମୌଲାନା ଫଜଲ ହକ ଖାଁ

ଆଜି ଠାରୁ ଠିକ ୭୪ ବର୍ଷ ପୂର୍ବେ ବ୍ରିଟିଶ ଶାସନ କବଳରୁ ଆମ ପ୍ରିୟ ଭାରତ ବର୍ଷକୁ ଯେଉଁମାନେ ମୁକ୍ତ କରିଥିଲେ, ୭୫ତମ ସ୍ୱାଧୀନତା ଦିବସ ଅବସରରେ ସେହି ବୀର ସୁରୀମାନଙ୍କର ସ୍ମୃତିଚାରଣ କରାଯାଉଛି । ଏକ ଦୀର୍ଘ ସମୟର ଗୁଲାମୀର ଜଞ୍ଜିରରେ ବାନ୍ଧି ହୋଇ ରହିବା ପରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ଦେଶ ସ୍ୱାଧୀନ ହେଲା । ଦେଶର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ କହିଥିଲେ '' ହିନ୍ଦୁସ୍ତାନ ବହୁ ଧର୍ମ ଓ ଭାଷାଭାଷୀର ଦେଶ, ଯହିଁରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟୀୟାନ, ଶିଖ, ବୌଦ୍ଧ ଓ ପାରସୀୟମାନେ ବାସ କରନ୍ତି । ସେମାନଙ୍କର ଦେଶ ପ୍ରତି ସମାନ ଅଧିକାର ରହିଛି । ଯେଉଁ ବ୍ୟକ୍ତି ଦେଶର ଏକତା ଓ ଅଖଣ୍ଡତା ବିରୁଦ୍ଧରେ ସ୍ୱର ଉତୋଳନ କରୁଛି, ସେ ଦେଶ ସହିତ ବିଶ୍ୱାସଘାତକତା କରୁଛି । ''ଆମ ଦେଶର ଏହା ପରମ ସୌଭାଗ୍ୟ ଯେ ଏହି ଦେଶରେ ଅନେକ ଅବତାର, ମହାପୁରୁଷ ଏବଂ ଧର୍ମପ୍ରବର୍ତ୍ତକ ଜନ୍ମ ନେଇ ଏ ମାଟିକୁ ପବିତ୍ର କରିଛନ୍ତି । ମାନବ ଜନ୍ମର ସାର ସେମାନେ ବୁଝାଇଛନ୍ତି । ମଣିଷ ଜାତି ସମସ୍ତେ ଭାଇ ଭାଇ ବୋଲି କହି ବସୁଧୈବ କୁଟୁମ୍ବକମ୍‌ର ପରିବେଶ ଗଢିଛନ୍ତି । ସେହି ମହାତ୍ମାମାନେ ଆମକୁ ସର୍ବେଭବନ୍ତୁ ସୁଖିନଃର ବାର୍ତ୍ତା ଦେଇଛନ୍ତି । ସେମାନଙ୍କର ଶିକ୍ଷା ବିଶ୍ୱବ୍ୟାପି ଥିଲା । ବିଶ୍ୱ ଭାଇଚାରା ସୃଷ୍ଟି କରିବା ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ସେମାନଙ୍କର ଲକ୍ଷ ଥିଲା । ରାମଙ୍କ ରାଜ୍ୟ, ଯୁଧୀଷ୍ଠିରଙ୍କ ନ୍ୟାୟ, ଦାନବୀର ହରିଶ୍ଚନ୍ଦ୍ରଙ୍କ ଦାନର ପରିବେଶ ଏବେ କାଳକ୍ରମେ ବିଲୁପ୍ତ ହୋଇ ଚାଲିଛି । ସ୍ତ୍ରୀ ଓ ପୁରୁଷ ପରି ମାତ୍ର ଦୁଇଗୋଟି ଜାତିକୁ ଏବେ ଏ କଳୀଯୁଗର ମଣିଷ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ କରିସାରିଛି । କୁଟରାଜନୀତି ଏବେ ମଣିଷକୁ ନିଜ ହାତହତିଆର ରୂପେ ବ୍ୟବହାର କରୁଛି । ମଣିଷ ମଣିଷକୁ ଏବେ ଏପରି କାଟୁଛି ଯେପରି ପନିପରିବା କଟାଯାଉଛି । ତେବେ ଆମେ ପରାଧୀନ ରହି,ଗୋଲାମ ହୋଇ,କଷଣ ସହି,ସ୍ୱାଧୀନ ହେଲା ପରେ ଶିଖିଲେ କ'ଣ ଏବଂ ପାଇଲେ କ'ଣ ? ଏବେ ବି ଆମେ ଜଣେ ଅନ୍ୟ ଜଣକୁ ନାଲି ଆଖି ଦେଖାଉଛେ। ଅନ୍ୟ ଠାରୁ କିଛି ପାଇବାର ଲାଳସା ରଖି ବସୁଛେ। ଅନ୍ୟାୟ,ଅତ୍ୟାଚାର,ପାପାଚାର,ଦୂରାଚାର ଆମ ଅଭ୍ୟାସରେ ପରିଣତ ହୋଇସାରିଛି । ନାରୀ ନିର୍ଯ୍ୟାତନା, ଦୁଷ୍କର୍ମତା, ବ୍ୟଭିଚାରୀତା,ଦୁର୍ନିତି ଏବଂ ଭ୍ରଷ୍ଟାଚାର ସାଧାରଣ ହୋଇଗଲାଣି । ଅଧିକାଂଶ ଲୋକଙ୍କୁ ବସ୍ତୁର ଲାଳସା ଏବଂ ଧନର ନିଶା ଏତେ ମାତ୍ରାରେ ଘାରିଥାଏ ଯେ ସେମାନେ ନିଜ ଦେଶ ପ୍ରତି ବିଶ୍ୱସ୍ତ ହୁଅନ୍ତି ନାହିଁ, ବରଂ ସେମାନେ ଦେଶର ଆଇନକୁ ଉଲଂଘନ କରିଥାନ୍ତି । ବିଭିନ୍ନ ଅନୈତିକ କାର୍ଯ୍ୟ କରି ଅନ୍ୟର କ୍ଷତି ଘଟାଇବା, ବେଆଇନ କାର୍ଯ୍ୟରେ ଲିପ୍ତ ରହି ନିଜ ଦେଶକୁ ପ୍ରତାରିତ କରିବା, ଅସାଧୁ ଉପାୟରେ ଧନାଦି ଉପାର୍ଜନ କରିବା ଓ ଜାଲିଆତି କରି ଅନ୍ୟର ଅର୍ଥ ଆତ୍ମସାତ କରିବା । ସମସ୍ତ ସୀମା ଉଲଂଘନ କରି ଦେଶ ତଥା ସମାଜର ପ୍ରଭୂତ କ୍ଷତି ସାଧନ କରିବା ଇତ୍ୟାଦି ଦୈନ୍ୟନ୍ଦିନର କାର୍ଯ୍ୟକଳାପ ହୋଇଯାଇଛି । ଦେଶ ବା ସରକାରଙ୍କ ବିରୁଦ୍ଧରେ ବିଦ୍ରୋହ କରିବା, ବିଶ୍ୱାସଘାତକତା ଏବଂ ପ୍ରତାରଣାମୂଳକ କାର୍ଯ୍ୟ କରିବା ବାରଣ ଥାଇ ମଧ୍ୟ ଏପରି କାର୍ଯ୍ୟ ଯୋଗୁଁ ଦେଶ ଓ ଜାତିର ନିରାପତା ତଥା ଶାନ୍ତି ବ୍ୟାହତ ହୋଇଥାଏ । ପୁଣି ଏଗୁଡିକ ଏକ ଦେଶ ବିରୋଧୀ ଆନ୍ତର୍ଘାତୀ କାର୍ଯ୍ୟକଳାପ ।

ପୂର୍ବାଲୋଚିତ ସମସ୍ତ ଦିଗକୁ ବିଚାର କଲେ, ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଜଣେ ବ୍ୟକ୍ତି ନିଜ ଦେଶ ପ୍ରତି ବିଶ୍ୱାସଭାଜନ ହେବା ସକାଶେ ତା ପାଇଁ ଧୈର୍ଯ୍ୟ ଓ ସହନଶୀଳତା ଏକାନ୍ତ ଆବଶ୍ୟକ । ଏହା ତା'ର ନୈତିକ ଗାରିମାକୁ ଉଦ୍‌ଭାସିତ କରାଏ ଏବଂ ମାତୃଭୂମିର ସମସ୍ତ ଆଇନ କାନୁନକୁ ପାଳନ କରିବା ପାଇଁ ସେ ଅନୁପ୍ରାଣୀତ ହୁଏ । ଦେଶର ଅନେକ ଭାଗରେ ସରକାରଙ୍କ ନୀତି ବିରୁଦ୍ଧରେ ପ୍ରତିବାଦକରି ଜନତା ଧର୍ମଘଟରେ ସାମିଲ ହୁଅନ୍ତି । ଅନେକ ଜାଗାରେ ବିକ୍ଷୋଭ ପ୍ରଦର୍ଶନକାରୀମାନେ ଭଙ୍ଗାରୁଜା ଓ ପୋଡାଜଳା କରି ଅନେକ ଧନ ଜୀବନ ନଷ୍ଟ କରୁଛନ୍ତି । ସେଥିରେ ଅନେକ ସରକାରୀ ଓ ବେସରକାରୀ ମଧ୍ୟ ସମ୍ପତି ଧ୍ୱଂସ ହୁଏ । ଦେଶପ୍ରେମ ନାମରେ ଏହି କାଣ୍ଡ ଭିଆଉ ଥିବାର ସେମାନେ ଦାବି କରନ୍ତି ସିନା ମାତ୍ର ପ୍ରକୃତ ପକ୍ଷେ ସେମାନଙ୍କ ଆଚରଣରେ ଦେଶ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ଲେଶ ମାତ୍ର ଚିହ୍ନ ନଥାଏ । ଏହା ମନେ ରଖିବାକୁ ହେବ ଯେ କୌଣସି ହିଂସାକାଣ୍ଡଜନିତ କ୍ଷୟକ୍ଷତି ବା ଅପରାଧ ନ କରି ବିଭିନ୍ନ ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବରେ ଆୟୋଜିତ ହେଉଥିଲେ ସୁଦ୍ଧା ଏହାର ପରିଣାମ ନକାରତ୍ମକ ହୋଇଥାଏ । ଶାନ୍ତିପୂର୍ଣ୍ଣ ଧର୍ମଘଟ ସତ୍ୱେ ଅନେକ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ଗୁରୁତର ଭାବେ ପ୍ରଭାବିତ ହୁଏ, ଯଦ୍ଦ୍ୱାରା ସେହି ଦେଶ କୋଟି କୋଟି ଟଙ୍କାର ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହୁଏ । ଏହାକୁ କୌଣସି ପରିସ୍ଥିତିରେ ବି ଦେଶ ପ୍ରତି ଭକ୍ତି ଓ ବିଶ୍ୱସନୀୟତା କୁହାଯାଇ ପାରିବ ନାହିଁ । ଏହାକୁ ସୁବ୍ୟବସ୍ଥିତ କରିବା ଆମ ରାଷ୍ଟ୍ରର ପ୍ରତ୍ୟେକ ନାଗରିକଙ୍କ ପରମ କର୍ତବ୍ୟ । ଆମ ଦେଶର ଶାସକଙ୍କ ପ୍ରତି ଆଜ୍ଞାନୁବର୍ତୀ ହେବା ପ୍ରତ୍ୟେକ ନାଗରିକଙ୍କ ପ୍ରତି ଅପରିହାର୍ଯ୍ୟ । ଦେଶରେ କୌଣସି ପ୍ରକାରର ଧର୍ମଘଟ ବା ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯଦି ଆଇନ ସଂଗତ ଅନୁମତି ପ୍ରଦାନ କରେ, ତେବେ ସେହି ଦେଶର କୌଣସି କ୍ଷତି ନ ଘଟାଇ ଅଥବା ଜାତୀୟ ସମ୍ପତି ଧ୍ୱଂସ ନ କରି ଯାହା କି ଆର୍ଥିକ ଅବନତିର କାରଣ ହେବ, ଧର୍ମଘଟକାରୀ ଓ ବିକ୍ଷୋଭ ପ୍ରଦର୍ଶନକାରୀମାନେ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ଆଜି ପୃଥିବୀ ଗୋଟିଏ ଗୋଲାକାର ଗ୍ରାମରେ ପରିଣତ ହୋଇଛି । ପୃଥିବୀବାସୀ ଅତି ଘନିଷ୍ଠ ଭାବରେ ପରସ୍ପର ମଧ୍ୟରେ ସଂଯୁକ୍ତ ହୋଇଛନ୍ତି । ସବୁ ଜାତି, ଧର୍ମ ଓ ସଂସ୍କୃତିର ଲୋକମାନେ ଆମ ଦେଶରେ ଦେଖାଯାଆନ୍ତି । ତେଣୁ ଦେଶର ପ୍ରତ୍ୟେକ ନେତା ଏବଂ ନାଗରିକ ସାଧାରଣ ଅଧିବାସୀଙ୍କର ମାନସିକ ଆବେଗ ଓ ହୃଦୟର ଭାବନାକୁ ବିଚାରକୁ ନେଇ ସେଥିପ୍ରତି ସମ୍ମାନ ଜଣାଇବା ଆବଶ୍ୟକ । ସେଠାକାର ନେତା ଓ ପ୍ରଶାସନ ଏପରି ଆଇନ ପ୍ରଣୟନ କରିବାକୁ ଚେଷ୍ଟିତ ହେବା ଉଚିତ, ଯାହା ସତ୍ୟ ଓ ନ୍ୟାୟର ଅଶାନ୍ତିର କାରଣ ହେବ ନାହିଁ । ଏକପକ୍ଷେ ଅନ୍ୟାୟ ଓ କ୍ରୁରତା ଲୋପ ପାଇବ ଓ ଅନ୍ୟ ପକ୍ଷେ ଆମେ ପ୍ରକୃତ ନ୍ୟାୟ ପାଇବା ପାଇଁ ସଦା ତତ୍ପର ହେବା । ତେବେ ଯାଇ ଆମେ ପ୍ରକୃତ ସ୍ୱାଧୀନ ବୋଲି କୁହାଇବା ଏବଂ ପ୍ରକୃତ ଶାନ୍ତି ଓ ସହିଷ୍ଣୁତା ପାଇପାରିବା। ଦେଶ ପ୍ରତି ସମ୍ମାନ ପ୍ରକଟ କରିପାରିବା । ଆମେ ପ୍ରକୃତ ନାଗରିକ ବୋଲାଇ ପାରିବା।

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରବର୍ତକ ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ହେ ମୋର ପ୍ରିୟ ଦେଶବାସୀ ! ଆପଣମାନେ ନିଜ ଭିତରେ ଭ୍ରାତୃଭାବ ସୃଷ୍ଟି କରନ୍ତୁ । ପ୍ରତ୍ୟେକ ସ୍ତରରେ ସାମ୍ବିଧାନିକ ଚୁକ୍ତି ଅନୁସାରେ କର୍ତବ୍ୟ ପାଳନ ପାଇଁ ଅଙ୍ଗୀକାରବଦ୍ଧ ହେବେ । ଦିବ୍ୟ ବାର୍ତାବହ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଦେଶପ୍ରେମ ଧର୍ମବିଶ୍ୱାସର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ନିଷ୍ଠାପୂର୍ଣ୍ଣ ଦେଶଭକ୍ତି ଅତିଆବଶ୍ୟକ । ବିଶ୍ୱପଟରେ ଏବଂ ଭାରତ ବର୍ଷର ଯେକୌଣସି ଅଂଚଳରେ ହେଉବା ନା କାହିଁକି ଅହମଦୀୟା ମୁସଲିମ ସମ୍ପ୍ରଦାୟର ସଭ୍ୟମାନେ ସର୍ବଦା ପ୍ରତ୍ୟେକ ପ୍ରକାରର ତ୍ୟାଗ ସ୍ୱୀକାର କରିବାକୁ ତତ୍ପର ହୋଇ ରହିଥାନ୍ତି । କାରଣ ସ୍ୱଦେଶ ପ୍ରେମ ଏବଂ ଦେଶ ପ୍ରତି ଅନୁରକ୍ତ ହେବା ପ୍ରତ୍ୟେକ ମନୁଷ୍ୟର ଜନ୍ମସିଦ୍ଧ ଅଧିକାର ବୋଲି ସେମାନେ ବିଶ୍ୱାସ କରନ୍ତି । ଆସନ୍ତୁ ଆମେ ସ୍ୱାଧୀନତାର ପ୍ରକୃତ ଅର୍ଥକୁ ବୁଝି ନିଜ ଦେଶ ପ୍ରତି ତ୍ୟାଗ ଓ ବଳିଦାନର କର୍ତବ୍ୟ ବହନ କରିବା। ଏବଂ ମେରା ଭାରତ ମହାନର ପ୍ରକୃତ ଦାୟଦ ବୋଲାଇବା । ଜୟ ହିନ୍ଦ୍ ।

*ୟୁନିଟ - ୪, ଭୂବନେଶ୍ୱର*
*ଦୂରଭାଷ : ୯୬୯୨୨୨୫୦୫୭*

# ପରିବର୍ତ୍ତିତ ଜୀବନ ଚିତ୍ର



ଡକ୍ଟର ମନୋରଞ୍ଜନ ବିଷୋୟୀ

ଭାରତର ଆତ୍ମିକ ବୈଭବ ଦିନେ ଗ୍ରାମ୍ୟ ସଭ୍ୟତାର ସରଳତା ଭିତରେ ଅଗ୍ରଗତିର ମାର୍ଗ ନିର୍ଣ୍ଣୟ କରୁଥିଲା । କିନ୍ତୁ ସମୟର ଗତିପଥରେ ଆଜିର ଗ୍ରାମ୍ୟ ଜୀବନ ଏକ ନିସଙ୍ଗ ଉପତ୍ୟକାରେ ରୂପାନ୍ତରିତ । ସମ୍ପର୍କର ଅବିଚ୍ଛେଦ୍ୟ ଅଂଗ ଆଜି ଶିଥିଳ । ଆଧ୍ୟାତ୍ମିକ କ୍ଷେତ୍ରରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ରାଜନୈତିକ ସର୍ବୋପରି ନୈତିକ ସ୍ଖଳନ ସର୍ବତ୍ର ଆପଣାର କାୟା ବିସ୍ତାର କରିଛି । ଅଗ୍ରଗତି ନାମରେ ଯେଉଁ ବିଷ ମଞ୍ଜି ରୋପଣ କରାଯାଇଛି; ତାହାର ପ୍ରଭାବ ସର୍ବତ୍ର ସୃଷ୍ଟି କରିଛି ବିଭୀଷିକାମୟ ଦୃଶ୍ୟ । ଆଜି ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପଡ଼ିଥିବା ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଗ୍ରାମର ଉତ୍ସବମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । ସ୍ୱାର୍ଥ ପାରିବାରିକ ସଂପର୍କ ଭିତରେ ଠିଆ କରାଇଛି ପାଚେରୀ । ଏପରିକି ଶ୍ରେଷ୍ଠ ନୀତି ଭାବରେ ଦିନେ ଜନମାନସରେ ସ୍ଥାନ ପାଇଥିବା ରାଜନୀତି ଆଜି ସ୍ୱାର୍ଥନ୍ୱେଷୀ ମୁଷ୍ଟିମେୟ ଲୋକଙ୍କ ହାତରେ ବନ୍ଧାପଡ଼ିଛି । ଚିଲମର ଧୂଆଁର ବାସ୍ନାରେ, ମାଦକ ଦ୍ରବ୍ୟର ଆକର୍ଷଣରେ ଯୁବଗୋଷ୍ଠୀ ମନ୍ଦିର ଆସୁଥାନ୍ତି ବା କ୍ଲବ୍‌ଘରେ ରାତି କାଟନ୍ତି । ଯୁବଶ୍ରେଣୀର ଏପରି ଦିଗଭ୍ରଷ୍ଟ କାରବାର ଗ୍ରାମ୍ୟ ଜୀବନକୁ ଆଜି ସଂକ୍ରମିତ କରିଛି । ଯେତତେନ ପ୍ରକାରେଣ ଉଚ୍ଚଶିକ୍ଷା ଲାଭ କରିଥିବା ଏପରି କିଛି ଯୁବଗୋଷ୍ଠୀଙ୍କ ପକ୍ଷରେ ବିଲରେ ଲଙ୍ଗଳ କଣ୍ଢି ଧରିବା ଆଉ ସମ୍ଭବ ହେଉନାହିଁ । ଅନ୍ୟପଟରେ ଅର୍ଥ ରୋଜଗାରର ସମସ୍ତ ରାସ୍ତା ବନ୍ଦ । ସନ୍ଧ୍ୟାରେ ଚିଲମ ଧୂଆଁରେ ଭଜନ କୀର୍ତ୍ତନ; ତା'ପରେ କ୍ଲବ୍ ଘରେ କଟେ ଜୀବନ । ଏହାହିଁ ସରଳ ଗ୍ରାମ୍ୟ ଜୀବନର ଦୁଃଖଦ ପରିଣତି । ଆଜି ଗ୍ରାମ୍ୟ ରାଜନୀତିରେ ଯେଉଁ ବିଷମଞ୍ଜି ବୁଣା ହୋଇଛି; ତାହା ଭାଇକୁ ଭାଇ ସାମ୍ନାରେ ଶତ୍ରୁ କରି ଠିଆ କରାଇଛି । ରାଜନୀତିର ପଶାପାଲିରେ ସାଧାରଣ ଜନତା ହେଉଛି ଉପେକ୍ଷିତ । ଯୋଜନା ନାଁରେ ଖର୍ଚ୍ଚ ହେଉଥିବା ଅର୍ଥ ବ୍ୟକ୍ତିଗତ ଲକ୍ଷ୍ୟସିଦ୍ଧି ନିମନ୍ତେ ହେଉଛି ବିନିଯୋଗ । ଏପରିକି କଣ୍ଟ୍ରୋଲ ଦୋକାନରେ ମଧ୍ୟ ଜିନିଷ ପାଇବା ସାଧାରଣ ଲୋକଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି । ସ୍ୱାର୍ଥସର୍ବସ୍ୱ ଏ ପୃଥିବୀରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର ହୋଇପଡ଼ିଛନ୍ତି। ବାସ୍ତବିକ କହିବାକୁ ଗଲେ; ଗ୍ରାମ୍ୟ ଜୀବନର ସରଳତା ଆଜି ନଷ୍ଟ ଏବଂ ସଂପ୍ରୀତିର ପୃଥିବୀ ହୋଇପଡ଼ିଛି ଓଲଟପାଲଟ । ଆଜି ପରିବର୍ତ୍ତନର ସୁଅରେ ସବୁ ପାରମ୍ପରିକ ମୂଲ୍ୟବୋଧ ହୋଇପଡ଼ିଛି ଅଚଳ । ଆପଣାର ସ୍ୱାର୍ଥ ସିଦ୍ଧି ପାଇଁ ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । କେଉଁଠାରେ ସଫଳତା ପାଇଁ ରାଜନୀତିକୁ ଅସ୍ତ୍ର ଭାବରେ ଗ୍ରହଣ କରିଛି ତ; ଅନ୍ୟ କେଉଁଠାରେ ଧର୍ମକୁ ଢାଲ କରି ମୁକ୍ତିର ମାର୍ଗ ଖୋଜିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା' ସମୂହରେ ପାଇଛି ସ୍ୱୀକୃତି । ପରିଶେଷରେ କେବଳ ଏତିକି କହିବି- ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସମ୍ପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ଆପଣା ମାଟି, ପାଣି, ପବନ, ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର*
*ସଂପର୍କ: ୮୮୯୫୧୪୧୭୨୭*

ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୂରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ଼ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।



ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର



ଭାଗ-୩୧

# ବେଳ ଭଲ ନାହିଁ

**ନା**ତି ତାଙ୍କ ହାତରୁ ଚକୋଲେଟ୍ ନେବ କ'ଣ ଭୂତ ଦେଖିବା ଭଳି ଡରି ଯାଇ ଚିତ୍କାର କଲା- ମାଆ-ମାଆ ଦଉଡିଆ, ଦଉଡିଆ, ପିଲା ଚୋର, ପିଲା ଚୋର ଆମ ଘରକୁ ଆସିଛି।

ସେ ଉଦ୍ରବ୍ୟକ୍ତି ଜଣକ ନାତିର ଏତାଦୃଶ ଆଚରଣ ଦେଖି କେବଳ ହତବାକ୍ ହେଲେ ନାହିଁ, ମର୍ମାହତ ବି ହେଲେ। ଆମକୁ ତାଙ୍କୁ ବୁଝାଇବାକୁ ପଡିଲା ଘଟଣାର ରହସ୍ୟ କ'ଣ। ହେଲେ ସେ ବିଦା ହୋଇ ଯିବା ଯାଏଁ ନା ସ୍ୱାଭାବିକ ହୋଇ ପାରିଲେ ନା ନାତି ତାଙ୍କ ସହ ମିଶିବା ପାଇଁ ତାଙ୍କ ଆଗକୁ ଆସି ପାରିଲା।

ନାତି କଥା ଭାବିବା କ୍ଷଣି ଭାବପ୍ରବଣ ହୋଇ ଉଠିଲେ ସୁଦର୍ଶନ ବାବୁ। ଅଖବରର ଭାବନାରୁ ଫେରି ଆସିଲେ ବାସ୍ତବତା ପାଖକୁ। ମନେ ପଡିଲା ତାଙ୍କର ନାତି ଟୋକା କଥା। ଏହା ଭିତରେ ଗାଆଁକୁ ଚାଲି ଆସିବା ତାଙ୍କର ବର୍ଷକରୁ ଅଧିକ ହେଲାଣି। ଏହି ବର୍ଷ ମଧ୍ୟରେ କେତେ ବଡଟିଏ ହୋଇଯିବଣି ସେ? ପୁଅ ଓ ବୋହୂ ଉପରେ ସିନା ତାଙ୍କର ଅଭିମାନ ଥିଲା, ହେଲେ ନାତିଟାର ତ କୌଣସି ଦୋଷ ନଥିଲା? ସେ କ'ଣ ମନେ ପକାଇ ଖୋଜୁଥିବ ସେମାନଙ୍କୁ?

ହଁ-ନିଶ୍ଚୟ ଖୋଜୁଥିବ। ସେ ତ ଦେବଶିଶୁ, ସେ କେମିତି ବୁଝିପାରିବ ସ୍ୱାର୍ଥପର ସମ୍ପର୍କୀୟମାନଙ୍କ ଭିତରେ ଥିବା ଆବିଳତାକୁ। ନାତି କଥା ଭାବି ଆଖି କୋଣରେ ଜକେଇ ଆସିଲା ଲୁହ ବିନ୍ଦୁଟାଏ। ଗଡି ଆସୁଥିବା ଲୁହକୁ ନେଇ ସତର୍କ ହୋଇଗଲେ ସୁଦର୍ଶନ ବାବୁ। ମନକୁ ଦୃଢ଼ କରି କହିଲେ-ନା, ଯେଉଁ ସମ୍ପର୍କକୁ ପଛରେ ଛାଡି ଚାଲି ଆସିଛୁ, ତା'ପାଇଁ ଏ ଭାବ ପ୍ରବଣତା ଶୋଭନୀୟ ନୁହେଁ। ମନକୁ ଦୃଢ଼ କରି ଆଖି ବୁଲାଇଲେ ଖବର କାଗଜ ଉପରେ।

'ସି.ବି.ଆଇ.ର ଚାର୍ଜ ସିଟ୍‌ରେ ବଳାତ୍କାରର ବିବରଣୀ' ଶୀର୍ଷକ ବକ୍ସ ନିଉଜ୍‌କୁ ପଢ଼ିଲେ। ସେ ବିବରଣୀଟି ପଢୁ ପଢୁ ଭାବିଲେ- ଏ ବିବରଣୀଟି କୌଣସି କାମୋଦ୍ଦୀପକ ଉପନ୍ୟାସଠାରୁ କୌଣସି ଗୁଣରେ କମ୍ ନୁହେଁ। ବିବରଣୀଟି ନିଶ୍ଚିତ ରୂପେ ଉଦ୍ଦିଷ୍ଟ ଥିବା କୋର୍ଟ ପାଇଁ, କୋର୍ଟରୁ ସେ ବିବରଣୀଟି ପାଇ ତାକୁ ଖବର କରି ଛାପିବାର ଉଦ୍ଦେଶ୍ୟ ଯଦିଓ ଠିକ୍ ବୁଝି ହେଉଛି ସେ ସେହି ବିଖ୍ୟାତ ବ୍ୟକ୍ତିଙ୍କର ଚରିତ୍ରହନନ କରିବା। ମାତ୍ର ତାଙ୍କର ଚରିତ୍ର ହନନ କରିବାକୁ ଯାଇ ନାରୀଟିକୁ ସେ ବାରମ୍ବାର ଧର୍ଷଣ କରାଗଲା ପାଠକଙ୍କ ଆଗରେ, ଏକଥାଟିକୁ ସେ ସାମ୍ବାଦିକ ଜଣକ ବୁଝି ପାରିଲେନି କିପରି?

ଏହି ସମୟରେ ପୁତୁରା ବୋହୂଟି ଆଣି ଚା' କପ୍‌ଟିଏ ବଢ଼ାଇ ଦେଲା। ଶଶୁରଙ୍କ ବତୁରା ବତୁରା ମୁହଁକୁ ଚାହିଁ ପଚାରିଲା ଦେହ ଭଲ ଲାଗୁନାହିଁ କି ବାପା?

ନାଇଁରେ ଦେହ ଠିକ୍ ଅଛି।

ମନ ଭଲ ନାହିଁ ତେବେ। କେଉଁଠି କୌଣସି ତ୍ରୁଟି ହେଲାକି ମୋର?

ତୋ'ର ତ୍ରୁଟି! ତୁ ଏମିତି କଥା କାହିଁକି ଭାବିଲୁ ମାଆ? ତୋ ଶାଶୂ ମାଆ କୁଆଡେ ଗଲେ କି?

ବାଡି ପୋଖରୀରେ ହଳିଆ ଖେପା ଜାଲ ପକାଉଛି, ମାଆଙ୍କର ମାଛଧରା ଦେଖିବାର ଇଚ୍ଛା ହେଲା, ତେଣୁ ପୋଖରୀକୁ ଯାଇଛନ୍ତି।

ଆଚ୍ଛା-ଆଚ୍ଛା, ମୋତେ କାହିଁକି କହିଲେ ନାହିଁ, ମୁଁ କ'ଣ ଦେଖିନଥାନ୍ତି?

ହଉ-ଆପଣ ଚା' ପିଛ ଦିଅନ୍ତୁ, ପୋଖରୀ ଆଡେ ଯିବେ ମାଛଧରା ଦେଖିବେ।

ସେ ଚା' ପିଇ ସାରିଛନ୍ତି କି ନାହିଁ ପହଞ୍ଚିଗଲେ ଦଳେ ଯୁବକ। ସେମାନଙ୍କୁ ଚାହିଁ ସୁଦର୍ଶନ ବାବୁ ପ୍ରଶ୍ନ କଲେ- କଥା କ'ଣ ବାବୁମାନେ, କୁଆଡେ ଆସିଲ?

ଆମେ ଆପଣଙ୍କୁ ଗୋଟେ ଅନୁରୋଧ କରିବାକୁ ଆସିଛୁ, ଆପଣ ଯଦି ରଖିବେ, ତେବେ କହିବୁ।

ଆରେ ତମେମାନେ ବସ ଆଗେ, ଛିଡା ହୋଇ ରହି କି କଥାବାର୍ତ୍ତା।

ସେମାନେ ବସି ସାରିବା ପରେ ସୁଦର୍ଶନ ବାବୁ ପଚାରିଲେ କି କଥା ଥିଲା ବାବୁମାନେ?

ଆପଣ ତ ଆସି ଗାଆଁରେ ବର୍ଷେରୁ ଅଧିକ ହେବ ରହିଲେଣି, ଗାଆଁର ସବୁ ହାଲହରକତ ବୁଝିପାରୁଥିବେ। ଗାଆଁ ଭିତରେ ଚାଲିଥିବା ଦଳାଦଳି, ବିବାଦ ଏବଂ ସ୍ୱେଚ୍ଛାଚାରରୁ ଗାଆଁକୁ ମୁକ୍ତ କରିବାକୁ ଆମେ ଗାଆଁର କିଛିଜଣ ଯୁବକ 'ପ୍ରଗତି ଯୁବ ସଂଘ' ନାମକ ଯୁବକ ସଂଘଟିଏ ତିଆରି କରିଛୁ।

ବାଃ- ବେଶ୍ ଭଲ କଥା।

ଆମର ଉଦ୍ଦେଶ୍ୟ ହେଉଛି ଦଳ, ମତ ନିର୍ବିଶେଷରେ ଗାଆଁର ଉନ୍ନତି।

(କ୍ରମଶଃ)

ବିଶେଷ କବିତା



# ଅତିଥି

## ଡ. ପ୍ରସନ୍ନ କୁମାର ମହାନ୍ତି



ଭୋର୍ ପକ୍ଷୀର
ନିଦ ଭାଙ୍ଗୁ ଭାଙ୍ଗୁ
ସକାଳୁ ସକାଳୁ କାଲି
ଯିବାକୁ ହେବ
ଅତିଥି ଆସି ପହଞ୍ଚିବେ
ସୀମାନ୍ତରେ,
ବିପୁଳ ସଂଖ୍ୟାରେ ଯାଇ
ଉଚ୍ଛ୍ୱସିତ ସଂବର୍ଧନା ଜଣାଇ
ପାଛୋଟି ଆଣିବାକୁ ହେବ ତାଙ୍କୁ।
ଫୁଲମାଳ ସ୍ଲୋଗାନ୍
କରତାଳି ଓ ପ୍ଲାକାର୍ଡରେ
ଚକିତ କରିବାକୁ ହେବ
ମଧ୍ୟାହ୍ନ ସୂର୍ଯ୍ୟକୁ।
କାହିଁ କେତେ ଦୂରରୁ
ଆସିଛନ୍ତି ଅତିଥି
ଚାଲିଚାଲି।
ଚଉସ୍ତରି ବର୍ଷ ତଳେ
ବାହାରିଥିଲେ ଏଠାକୁ
ପଦଯାତ୍ରାରେ।
ତାଙ୍କ ପାଦ ଧୋଇ
ପୋଛି ଦେବାକୁ ହେବ
କ୍ଲାନ୍ତ ଦେହଟାକୁ
ଦେବାକୁ ହେବ ମୃଦୁ ବିଂଚଣା,
ସୁଖାଦ୍ୟରେ ଆପ୍ୟାୟିତ କରି
ପାରି ଦେବାକୁ ହେବ
ଶେଯ ସୁପାତି।
ଘର ଛାଡିବା ଦିନଠୁ'
କେତେ ଦୁଃଖ କଷ୍ଟ
ଭୋଗି ନାହାନ୍ତି ସିଏ!
ହେଲେ ସବୁ ହସିହସି
ସହି ଯାଇଛନ୍ତି
ଖାଲି ଆମରି ସୁଖ ପାଇଁ।
ଶେଷକୁ ଯଦି
ଅତିଥିଙ୍କ ଆଖିରୁ ଝରି ଆସିବ
ଦି' ବୁନ୍ଦା ତତଲା ଲୁହ
କେମିତି ଟେକି ଧରିବା
ଅପ୍ରମିତ ଓଜନର
ସେ ଅଲୌକିକ ଭାର?
ହଠାତ୍ ଯଦି ଗଭୀର ଦୀର୍ଘଶ୍ୱାସଟେ
ବାହାରି ଆସେ ଅତିଥିଙ୍କ ଛାତିରୁ
କେମିତି ସାମ୍ନା କରିବା ତାକୁ
ପ୍ରଳୟତର ଯାହା
ମହା ପ୍ରଳୟରୁ?

*ଅମୃତାଶ୍ଚ, ମହାଲକ୍ଷ୍ମୀ ନଗର,*
*ଗଡ ମହାବୀର ରୋଡ, ଗ୍ୟାରେଜ ଛକ,*
*ଭୁବନେଶ୍ୱର-୨*

(ପୂର୍ବପ୍ରକାଶ ଉତ୍ତାରୁ)

ତହିଁପରଦିନ ରାଜସଭାରେ ସେ'ବିଷୟରେ ଆଲୋଚନା ଆରମ୍ଭ ହେବାର ସ୍ୱଳ୍ପ ସମୟ ପୂର୍ବରୁ ପ୍ରହରୀ ଆସି ସମ୍ବାଦ ଦେଲା ଯେ ପୂର୍ବଭାଗରୁ କେହିଜଣେ ବ୍ୟକ୍ତି ଚିତ୍ରପଟ୍ଟଟିଏ ଧରି ମହାରାଜଙ୍କୁ ପ୍ରଦାନ କରିବା ପାଇଁ ଅନୁମତି ପ୍ରାର୍ଥନା କରୁଛନ୍ତି। ମହାରାଜ କନକବର୍ଦ୍ଧନ ତାଙ୍କୁ ଅବିଳମ୍ବେ ସଭାକକ୍ଷକୁ ନେଇ ଆସିବାପାଇଁ ପ୍ରହରୀକୁ ଆଦେଶ ଦେଲେ।

କିଛିକ୍ଷଣ ପରେ କୃଷକ ପରି ଜଣାପଡୁଥିବା ଜଣେ ବ୍ୟକ୍ତି ରେଶମ କନାରେ ଆଚ୍ଛାଦିତ ଚିତ୍ରପଟ୍ଟଟିକୁ ଧରି ସଭାକକ୍ଷକୁ ପ୍ରବେଶ କଲେ। ବିନମ୍ରତାର ସହ ଓଳଗି ହେଇ ଅତି ଭଦ୍ରଭାବେ କହିଲେ, 'ମହାରାଜ, ମୁଁ ବିକ୍ରାନ୍ତ ନଗରର ପୂର୍ବୋତ୍ତର ଅଞ୍ଚଳରେ ଥିବା କୁସୁମପୁର ଗ୍ରାମର ଜଣେ ସାଧାରଣ କୃଷକ। ଏକ ଜରୁରୀ ବ୍ୟକ୍ତିଗତ କାର୍ଯ୍ୟରେ ରାଜଧାନୀକୁ ଆସିଲାବେଳେ ଛାମୁ ଆମ ଅଂଚଳରେ କୃଷି ଓ ଶିକ୍ଷାର ବିକାଶ ପାଇଁ ପ୍ରେରଣ କରିଥିବା ଅଧିକାରୀ ଆପଣଙ୍କୁ ହସ୍ତାନ୍ତର କରିବା ପାଇଁ ମୋ ହାତରେ ଖଣ୍ଡିଏ ଚିଟାଉ ଏବଂ ଏହି ଚିତ୍ରଟି ପ୍ରେରଣ କରିଛନ୍ତି। ନିଜ ଜରୁରୀ କାର୍ଯ୍ୟ ନିମନ୍ତେ ସମୟର ସ୍ୱଳ୍ପତା ଦୃଷ୍ଟିରୁ ସେ ଚିତ୍ରପଟ୍ଟ ଓ ଚିଟାଉକୁ ମହାରାଜଙ୍କୁ ହସ୍ତାନ୍ତର କରି ପ୍ରସ୍ଥାନ ନିମନ୍ତେ ଆଜ୍ଞା ନେଇ ଦରବାରରୁ ନିଷ୍କ୍ରାନ୍ତ ହେଲେ। ମହାରାଜ କନକବର୍ଦ୍ଧନ ଅତି ଉତ୍ସୁକତା ସହକାରେ ଚିତ୍ରପଟ୍ଟକୁ ଅନାବରଣ କରିବା ପାଇଁ ଆଦେଶ ଦେଲେ। ଅନାବୃତ ଚିତ୍ରଟିରେ ଜଳସେଚନ ସୁବିଧା ସମ୍ବଳିତ ବିସ୍ତୀର୍ଣ୍ଣ ସବୁଜ ଶସ୍ୟକ୍ଷେତ୍ରର ମନଲୋଭା ଶୋଭା ବ୍ୟତିରେକ ଶସ୍ୟକ୍ଷେତ୍ର ସଂଲଗ୍ନ ଅଞ୍ଚଳରେ ସୁସଙ୍ଗଠିତ ହେଇ ରହିଥିଲା କୃଷକ ମାନଙ୍କର ବାସଗୃହ ମାନ। ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଶୃଙ୍ଖଳିତ ଶୈଳୀରେ ପିଲାମାନେ ବିଦ୍ୟାଳୟକୁ ଯାଉଥିବାର ଦୃଶ୍ୟ ଏକ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ପ୍ରଦାନ କରୁଥିଲା। ରାସ୍ତାର ଉଭୟତଃ ବିବିଧ ଫଳପୁଷ୍ପ ବୃକ୍ଷରାଜି ଭବିଷ୍ୟତ ବଂଶଧର ମାନଙ୍କ ପାଇଁ ଏକ ନିର୍ମଳ ବିଶ୍ୱର ପ୍ରତିଶ୍ରୁତି ଦେଉଥିଲା। ଚିତ୍ରଟିରେ ପରିବେଷିତ ହେଇଥିବା ଅଭୂତପୂର୍ବ ମନୋଜ୍ଞ ଦୃଶ୍ୟ ସମ୍ପୂର୍ଣ୍ଣ ଭାବେ ଜୀବନଧର୍ମୀ ଥିଲା। ଚିତ୍ରପଟ୍ଟଟିକୁ ଦେଖିଲାବେଳେ ମହାରାଜ କନକବର୍ଦ୍ଧନଙ୍କୁ ଲାଗିଲା ସତେଯେମିତି ସେ ସେଇ ମନୋରମ ପରିବେଶ ଭିତରେ ଚିନ୍ତାମୁକ୍ତ ହେଇ ବିଚରଣ କରୁଛନ୍ତି। ମାତ୍ର, ଦ୍ୱିତୀୟ ଚିତ୍ର ନଥିବାରୁ ପୂର୍ବାପର ସଂଗତିକୁ ଅଧ୍ୟୟନ କରି ସେଠାକାର ପ୍ରଜାମାନଙ୍କର ଅବସ୍ଥା ଏବଂ ସୁବିଧା ଅସୁବିଧା ସମ୍ପର୍କରେ କିଛି ଗୋଟାଏ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଂଚିବା ସମ୍ଭବପର ନଥିଲା। ଚିଟାଉରେ ନିଶ୍ଚୟ ସେ ଜାଣିବାକୁ ଇଚ୍ଛୁକ ଥିବା ବିଷୟ ଗୁଡିକ ଉପରେ ସବିଶେଷ ବର୍ଣ୍ଣନା ଥିବ ବୋଲି ଚିନ୍ତାକରି ସେଇଟିକୁ ଖୋଲି ପଢିଲାପରେ ତାଙ୍କ ମନର ଦ୍ୱନ୍ଦ୍ୱ ଆହୁରି ବଢ଼ିଗଲା। କାରଣ, ଚିଟାଉରେ ଲେଖାଥିଲା, 'ମହାରାଜ, ନିର୍ଦ୍ଧାରିତ ସମୟସୀମା ଭିତରେ ଆପଣଙ୍କ ଆଜ୍ଞା ଅନୁଯାୟୀ ଦୁଇଟି ଚିତ୍ର ପ୍ରଦାନ କରି ନପାରିଥିବାରୁ ନିଜକୁ ଦୋଷୀ ସ୍ୱୀକାର କରୁଛି। ସେଥିପାଇଁ ଛାମୁ ଯାହା ଦଣ୍ଡ ବିଧାନ କରିବେ ତାହାକୁ ଏ ଅଧମ ଚିତ୍ରକର ବିନା ପ୍ରତିବାଦରେ ମୁଣ୍ଡ ନୁଆଁଇ ସ୍ୱୀକାର କରିନେବାକୁ ପ୍ରସ୍ତୁତ।

ପୁନଶ୍ଚ, ଦୁଇଟି ଚିତ୍ର ବଦଳରେ ଗୋଟିଏ ମାତ୍ର ଚିତ୍ର ପଠାଇଥିବାରୁ ଆପଣ କେତେବେଶୀ ଅସନ୍ତୁଷ୍ଟ ହେଇଥିବେ ତାହା ମୁଁ ବୁଝିପାରୁଛି। ତେବେ, ଏକଥା ମିଥ୍ୟା ନୁହେଁ ଯେ ମୁଁ ଆଙ୍କିସାରିଥିବା ଦ୍ୱିତୀୟ ଚିତ୍ରଟି ଆପଣଙ୍କ ସମ୍ମୁଖରେ ଥିବା ଚିତ୍ରଠାରୁ ମଧ୍ୟ ଅନେକ ଗୁଣା ସୁନ୍ଦର ଏବଂ ତାହା ମୋ ଚିତ୍ରକର ଜୀବନର ସର୍ବଶ୍ରେଷ୍ଠ ଚିତ୍ର ବୋଲି। ମାତ୍ର, ମୋର ଏଇ ଚିତ୍ରଟି ଏତେ ବିଶାଳ ଯେ ମୁଁ ଶତଚେଷ୍ଟା କଲେ ମଧ୍ୟ ଏହାକୁ ଏହିସ୍ଥାନରୁ ସୂତାଏ ଆଗକୁ କିମ୍ବା ପଛକୁ ନେଇପାରିବିନାହିଁ। ତେଣୁକରି ଶ୍ରୀଛାମୁରେ ମୋର ବିନମ୍ର ନିବେଦନ, ମୋର ଏଇ ଚିତ୍ରଟିକୁ ଦେଖିବା ପାଇଁ ସ୍ୱୟଂ ମହାରାଜ ଏଠାକୁ ଆସିବା ପାଇଁ କୁଣ୍ଠିତ ହେବେନାହିଁ। ଇତି, ଆପଣଙ୍କର ଦର୍ଶନାଭିଳାଷୀ ଅଧମ ଚିତ୍ରକର।'

ଅସାଧାରଣ ପ୍ରତିଭାସମ୍ପନ୍ନ ମହାରାଜ କନକବର୍ଦ୍ଧନ ପ୍ରଖର ଜ୍ଞାନୀ ଏବଂ ପ୍ରବଳ ପ୍ରତ୍ୟୁତ୍ପନ୍ନମତିତା ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହେଇଥିବାରୁ ଚିଟାଉରେ ସନ୍ନିବେଶିତ ଶବ୍ଦାବଳୀରୁ ଚିତ୍ରକରଙ୍କ ବ୍ୟକ୍ତିତ୍ୱ ଓ ବ୍ୟବହାରରୁ ରାଜାଜ୍ଞାର ଅବମାନନା, ଔଦ୍ଧତ୍ୟ କିମ୍ବା ଅହମିକା ଭଳି ନକରାତ୍ମକ ମନୋଭାବ ଖୋଜିବା ପରିବର୍ତ୍ତେ ତହିଁରୁ ତାଙ୍କର ସ୍ପଷ୍ଟବାଦୀତା, ଚତୁରପଣ, ସଙ୍କୋଚତା ଓ ବିଶେଷ ବ୍ୟକ୍ତିତ୍ୱର ଆଭାସ ପାଇଲେ। ତେଣୁକରି, ସେ ସେଇଦିନ ମହାମନ୍ତ୍ରୀ ଏବଂ ସ୍ୱଳ୍ପସଂଖ୍ୟକ ବିଶେଷ ତାଲିମପ୍ରାପ୍ତ ଅଙ୍ଗରକ୍ଷୀଙ୍କୁ ସାଥିରେ ନେଇ କୁସୁମପୁର ଅଭିମୁଖେ ଯାତ୍ରାରମ୍ଭ କରିଦେଲେ।

(କ୍ରମଶଃ)

# 'ଶ୍ରେଷ୍ଠ ଚିତ୍ରକର'

## ବିନୟ ଭୂଷଣ ପାଣିଗ୍ରାହୀ







# ଈଶ୍ୱରୀୟ

## ମମତା ପ୍ରିୟଦର୍ଶିନୀ ସାହୁ

ଧସିଯାଉଥିବା ମାଟି କୋଳରେ
ଚିତ୍ ହେଇ ଶୋଇପଡିଲି ସେଦିନ,
ନିଦ୍ରିତ ଆଖିରେ ମୋ ସ୍ୱପ୍ନର ବାଦଲ
ଅନ୍ଧାରର ଘନିଷ୍ଠତାରେ
କଳାହାଣ୍ଡିଆ ମେଘର ଉତ୍ସବ
ସତେ କି ଲୁଚକାଳି ଖେଳୁଛି
ଶ୍ୟାମର ଶ୍ୟାମଳିମା।
ଅବବୋଧରେ ଉଙ୍କିମାରୁଥିଲା
ପାଟପିତାମ୍ବରୀର ପାଟଳଚିତ୍ର,
ବଂଶୀସ୍ୱନର କୁହୁକ ଲହର
ଜାଳୁଥିଲା ଆଲୋକର ଦୀପାଳୀ
ଅଜ୍ଞତାର ଅନ୍ଧାରୀ ପଥରେ।
ଜଂଜାଳର କୋଳାହଳ ଭିତରୁ
ହାତ ଟାଣୁଥିଲା ଚେନାଏ ସୂର୍ଯ୍ୟାଲୋକ
ଈର୍ଷା ଓ ଅସୂୟାକୁ ଦୂରେଇ
ଭୋଗିଚାଲିଥିଲି ବଂଶୀଧାରୀର
ସ୍ୱର ଅଲୌକିକ।
ଓଁକାର ଧ୍ୱନିରେ ଭୁଲିବାକୁ ବସିଲି
ପ୍ରଲୋଭନ ଓ ପ୍ରତିହିଂସାର ମାତ୍ରା,
ଧୀରେ ଧୀରେ ଚିହ୍ନୁଥିଲି
ଏ ଦେହରେ ଖଚିତ ବିଦେହକୁ।
ନୀରିହ ବିଶ୍ୱାସ ରେ ପାଇଲି
ବିପୁଳ ପ୍ରେମର ଠିକଣା
ବିଶ୍ୱବ୍ରହ୍ମାଣ୍ଡଧାରୀର ନୀଳଦେହରେ,
ଆୟୁଷ୍ମତୀ ହେଉଥିଲି
ଜନ୍ମ --ମୃତ୍ୟୁ, ପାପ -- ପୁଣ୍ୟ,
ଧର୍ମ --- ଅଧର୍ମକୁ ସଜାଡି ଚାଲିଥିବା
ତା କୋମଳ ହାତ ସ୍ପର୍ଶରେ।
ମାୟାମୋହ ଆକର୍ଷଣ ହଜିଗଲା
ସ୍ଥିରତାର କେନ୍ଦ୍ରବିନ୍ଦୁ ଦେଖି
ହୃଦୟ ଉଲ୍ଲାସ ତତ୍ପର ହେଲା
ଚକା ଚକା ଆଖିର
ସମ୍ମୋହନ ପରଖି।
ମନ ଆକାଶରେ ଘୂରି ବୁଲୁଥିଲେ
ସୂର୍ଯ୍ୟ ଚନ୍ଦ୍ର ଭଳି ସେ ଆଖି ହଳକ
ଈଶ୍ୱରୀୟ ହେବାକୁ ଗହନ ଅନ୍ଧାରେ
ପଢୁଥିଲି ଆଲୋକଧାରୀର ମନ୍ତ୍ରପାଠ।
ବଶମ୍ବଦ ହୋଇ ଖୋଜି ବସିଲି
ସହସ୍ର ସୂର୍ଯ୍ୟରେ ଉର୍ଜ୍ୱସ୍ୱଳ ସେ
ଆଲୋକଧାରୀର ଉତ୍ସ,
ଖୋଜିବାର ରାହା ଭିତରେ
ବଢି ଚାଲିଥିଲା ଅନ୍ଧାରୀ ଆକାଶରେ
ସେଇ ଧ୍ରୁବତାରାର କାୟାକଳ୍ପ।
ହଠାତ୍ ପାଇଲି ଚେତନା
ପବନର ସିର୍ ସିର୍ ଲହଡିରେ
ଦାର୍ଶନିକ ପରି ଜିଜ୍ଞାଥିଲି
ମାନବବାଦର ନିରୁତା ସଂଗୀତରେ।

***ଓଡିଆ ଅଧ୍ୟାପିକା,***
***ସରକାରୀ ଏସ୍ଏସ୍‌ଡି, ଏଚ୍ଏସ୍ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ ,***
***ବାଲିଶଙ୍କରା, ସୁନ୍ଦରଗଡ***

# କବିତାର କଥା

(ଭାଗ-୩୨)



ଉମାକାନ୍ତ ରାଉତ



# କବି ଓ କବିତାର ପରାକାଷ୍ଠା

ଗହୀର ଗାଆଁର ଗଳିମୁଣ୍ଡରେ ଛୋଟ ଘରଟିଏ ଗଢ଼ି ନେଇ ନିଜଠାରୁ ନିଜକୁ ପରକରି ସ୍ୱପ୍ନକୁ ଆପଣାର କରିନିଏ କବି। ସେ ସ୍ୱପ୍ନ ତେଣୁ ନିଜ ପାଇଁ ନହୋଇ ଅଖିଳର କଲ୍ୟାଣ ଅଭିପ୍ରେତ ହୋଇଯାଏ। ଏହା ହିଁ କବିଟିଏର ଅସଲ ଦାୟିତ୍ୱ ଓ ଭୂମିକା।

ନିଖିଳର ବେଦନାକୁ ଗର୍ଭସାତ୍ କରି କବିତାର ନାଆଟିଏ ବାହି ନଥିଲେ ହୁଏତ ମାଟିର କବି ସଚ୍ଚି ରାଉତରାୟ ଦୁଃଖର ଅତଳ ସାଗରରୁ ଉତ୍ତୁରି ଆସି ପାରି ନଥା'ନ୍ତେ। ତାଙ୍କ କବିତା ନାଆର ପାଲ ଓ ଆହୁଲା ହୋଇ ବେଦନା ଓ ସେଥି ନିଃସୃତ କୋହଚ୍ଛ୍ୱାସର ବିଭବମାନେ ତାଙ୍କୁ ସାତ ସମୁଦ୍ର ପାରେଇ ନଥା'ନ୍ତେ, ବିନା ସଙ୍ଗମରେ ଗର୍ଭବତୀ କରେଇ ନଥା'ନ୍ତେ।

ଏଇ ଯେମିତି .......
"କାହିଁକି ଏ ରାଜଧାନୀ ଜମି
କୋଠା ମାଳ ମାଳ
କିଛି ତ ଯିବନି ସଙ୍ଗେ
ରହିଯିବ ମୁଠାଏ ପାଉଁଶ
ତାହାହିଁ ତ ଜୀବନର
ସକଳ ସାରାଂଶ"

ଗଭୀର ଭାବାବେଗ ନିଃସୃତ ହୃଦୟର ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ହିଁ କବିତା। ସୁତରାଂ କବିତା କବି ଜୀବନର ଜଳଛବି ନ ହେବ କେମିତି? ଏହା ଅନ୍ତର ଭିତରୁ ଉବୁକି ଉଠୁଥିବା ଆହତ ଆର୍ତ୍ତନାଦ ହୋଇପାରେ। ଏହା ଜମାଟବନ୍ଧା ଆବେଗ ଓ ଯନ୍ତ୍ରଣାର ଫସିଲ୍ ମାନଙ୍କୁ ଜୀବନ୍ୟାସ ଦେବାର ଅଜବ୍ ଖିଆଲ୍ ବି ହେଇପାରେ।

ସେଇଥିପାଇଁ ଚିରକାଳ ନିର୍ମଳ କବିଟିଏ କବିତାକୁ ହାତର ଢାଲ, ଛାତିର ସାଞ୍ଜୁ ଓ ମଥାର ଶିରସ୍ତ୍ରାଣ କରି ପିନ୍ଧିଥାଏ। ସେଥିପାଇଁ ସେ କବିତାର ଚିତ୍ତାକୁ ଝୋଟି କରି ଆଙ୍କିଦିଏ କାଳର କପାଳରେ। କବିତାର ନାଆ ବାହି ଉତ୍ତୁରି ଆସେ ଦୁଃଖର ଅତଳ ସାଗରରୁ...........।

ଆଉ ଗହୀର ଗାଆଁର ଗଳିମୁଣ୍ଡରେ ଗଢିଦିଏ ଛୋଟ ଘରଟିଏ!

ତାହା ହିଁ କବିତ୍ୱର ଅସଲ ପରାକାଷ୍ଠା।

କେବଳ ଆହାର ବିହାର ନିଦ୍ରା ମୈଥୁନର ଦେହସର୍ବସ୍ୱତା, ନୁହେଁ, ସେସବୁର ଉର୍ଦ୍ଧ୍ୱକୁ ଯାଇ ଏକ ନାତିଶୀତୋଷ୍ଣ ଶିହରଣର ଅସୀମତାରେ ବିଚରଣ କରିପାରେ କବି।

କବି ଆଦୌ ପବନରେ ଉଡୁଥିବା ଡେଙ୍ଗଛିଣ୍ଡା ପତ୍ରଟେ ନୁହେଁ। ସେଇଥିପାଇଁ ତ ତା'ର ଓ ତା'ଠାରେ ଥାଏ ସତ୍ତା, ସମ୍ଭାବନା, ସୃଷ୍ଟି ଓ ସର୍ଜ୍ଜନା! କବି ହେଉଛି ଭୂମି ଆଉ ଭୂମାକୁ ଜାବୁଡ଼ି ଧରିଥିବା ଗୋଟେ ଶକ୍ତ ଓ ସୂକ୍ଷ୍ମ ଚେର। ଏସବୁ ବିନା ସର୍ଜନାର ପରିକଳ୍ପନା କରାଯାଇପାରେ କି? କବି ପତ୍ର-ପୁଷ୍ପ-ଫଳ ସହ ମୂଳ ଗଛକୁ ଏବଂ ମାଟିକୁ ଶକ୍ତଭାବରେ ଧରି ରଖିପାରୁଥିବା ଗୋଟେ ଚିରହରିତ୍ ସୂତ୍ର ଯାହା ବିନା ସର୍ଜନା ଏକ ଦିବାସ୍ୱପ୍ନ।

କବିତାକୁ କୌଣସି ଏକ ନିର୍ଦ୍ଦିଷ୍ଟ ଅଳିନ୍ଦ ବା ନିଳୟ ମଧ୍ୟରେ ବନ୍ଦୀ କରି ରଖାଯିବା ଉଚିତ୍ ନୁହେଁ ଯକବିତା ତ ସ୍ୱୟଂ ଏକ ଦର୍ଶନ।

କବିତା ମାଟିର କଥା, ମାଟି ମଣିଷର କଥା, ପୃଥିବୀ-ଆକାଶର କଥା ନକହି ଆଉ କି କଥା ବା କହିବ? ଜନଜୀବନ, ମିଳନ ବିରହ, ପ୍ରେମ ସ୍ଫୁରଣର କଥା ନ କହି ଆଉ କି କଥା ବା କହିବ? ବିପ୍ଳବ ଓ ବିବର୍ତ୍ତନର କଥା ନ ଶୁଣାଇ ଆଉ କ'ଣ ଶୁଣାଇବ? କବିତା ତ ମାଟି ମଣିଷର ମୁକ୍ତିପ୍ରୟାସୀ ମାନବିକତାର ଜୟଗୀତିକା। କବତା ତ ମାନବିକତାର ମହାଚେତନାରେ ଅଭିମନ୍ତ୍ରିତ ପ୍ରେମର ଚିରନ୍ତନ ପୀୟୁଷ ..... ଶବ୍ଦର ମହାଖେଳ। କବିତା ତ ମହାବିବର୍ତ୍ତନର ଧାରାରେ ଶାନ୍ତି ଓ ଶକ୍ତିର ବାର୍ତ୍ତାବହ ......ମାଟି ଓ ଆକାଶର ମୁକ୍ତିଗାଥା।

ଆଜି କବି ଆଗରେ ଦୁଇଟି ଆହ୍ୱାନ - ଗୋଟିଏ ଉପଭୋକ୍ତାବାଦୀୟ ଜଗତିକରଣର ଉତ୍କଟ ନିଶା, ଆରପଟେ ମାଟି ମାଆ ମମତାର ଅକୃତ୍ରିମ ଡାକ ....ଜଳ ଜମି ଜଙ୍ଗଲର ଆହ୍ୱାନ....ଭୋକ ଭୟ ଭ୍ରଷ୍ଟାଚାରର କରାଳ ଦୃଶ୍ୟ। କବି ସ୍ଥିର କରୁ, ସିଏ ଜଗତୀକରଣର (ବସୁଧୈବ କୁଟୁମ୍ବ କମ୍ ନୁହେଁ) ନିଶାରେ ମସଗୁଲ୍ ହୋଇ ତଥାକଥିତ ବଡ଼ କବିର ବାହାବା ନବ ନା ମାଟିର ଡାକରେ ଏକ ପରିବ୍ୟାପ୍ତ ଭୂମିଦୃଷ୍ଟିରେ ନିଜକୁ ସାମିଲ କରିବ?

କହିବା ବାହୁଲ୍ୟ ଯେ ଭୂମି ବିନା ଭୂମାର କଳ୍ପନା ସମ୍ଭବ କି? ମାଟିକୁ ଛାଡ଼ି ଜାଗତିକ କି ମହାଜାଗତିକ କଳ୍ପନାର ସ୍ୱପ୍ନ ଦେଖାଯାଇପାରେ କି? ଫୁଲ ନଥାଇ ବାସ୍ନା, ଶରୀର ନଥାଇ ଆତ୍ମା ଥାଏ କି?

ପରିତାପର ବିଷୟ ଅନେକ ଆତସବାଜିୟ କବିତାରେ ମାଟିର ମହକ ନାହିଁ। ସେଥିରେ ଥୋପାଯାଉଥିବା ସଂକେତ, ଚିତ୍ରକଳ୍ପ ଓ ବିମ୍ବାଦି ସହ ଆମର କିଛି ଦେଣନେଣ ନାହିଁ। କବି ଜୀବନ, କଳା, ସୌନ୍ଦର୍ଯ୍ୟ ଓ ସମାଜ ଆଦିର ଦର୍ପଣ ନସାଜି ଗୋଟେ ଅଜବ ଦର୍ପଣ ସାଜିଯାଉଛି ଯାହାର ଭୂମି ଓ ଭୂମାଦି ସହ ଆଦୌ ସମ୍ପର୍କ ନାହିଁ।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# 'ଛୋଟ ସହରର ବିକାଶ ଆମର ପ୍ରାଥମିକତା'



**ଭୁବନେଶ୍ୱର :** ଛୋଟ ଛୋଟ ସହରର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଆଜି ଦିଗପହଣ୍ଡି ଠାରେ ଏକ କଟନ ଜିନିଙ୍ଗ ଓ ପ୍ରିସିଙ୍ଗ ମିଲ୍ ଏବଂ ଏକ ନୂଆ ବସ୍ ଟର୍ମିନାଲ୍ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଛୋଟ ଛୋଟ ଟାଉନ୍‌ରେ ଲୋକଙ୍କ ରୋଜଗାର ବୃଦ୍ଧି ସହ ବିଭିନ୍ନ ନାଗରିକ ସୁବିଧାର ବିକାଶ ପାଇଁ ଆମେ କାମ କରୁଛୁ। ରାସ୍ତାଘାଟ, ଡ୍ରେନେଜ୍ ସୁବିଧା ସହିତ ପିଇବା ପାଣିର ସୁବିଧା ଉପରେ ଆମେ ଗୁରୁତ୍ୱ ଦେଉଛୁ। ଦିଗପହଣ୍ଡିର ସବୁ ପରିବାରକୁ ପାଇପ ପାଣି ସଂଯୋଗ ଦିଆଯାଇଛି। ଆଜି ବସ୍ ଟର୍ମିନାଲ ମଧ୍ୟ ଉଦ୍‌ଘାଟିତ ହେଲା। ଏହିସବୁ ସୁବିଧା ଦିଗପହଣ୍ଡି ଜନସାଧାରଣଙ୍କ ଜୀବନଯାପନର ମାନରେ ଗୁଣାତ୍ମକ ଉନ୍ନତି ଆଣିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ତୁଳା ଜିନିଙ୍ଗ ମିଲ୍ ରାଜ୍ୟର ସମବାୟ କ୍ଷେତ୍ରରେ ଏକ ନୂଆ ପଦକ୍ଷେପ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହା ଆମର କପା ଚାଷୀ ମାନଙ୍କ ରୋଜଗାର ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହାସହିତ ଅନ୍ୟ ଚାଷୀମାନଙ୍କୁ ମଧ୍ୟ ଫସଲର ବିବିଧକରଣ ପାଇଁ ପ୍ରେରଣା ଦେବ। ଚାଷୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଆମର ଲକ୍ଷ୍ୟ ପୂରଣ କରିବାରେ ଏହା ବହୁତ ସହାୟକ ହେବ ବୋଲି ସେ କହିଥିଲେ। ରାଜ୍ୟର କ୍ରୀଡା ଭିତ୍ତିଭୂମି ଉପରେ ଆଲୋକପାତ କରି ସେ କହିଲେ ଯେ, ନିକଟରେ ରାଜ୍ୟ ସରକାର କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ନିଷ୍ପତ୍ତି କରିଛନ୍ତି। ଏଥିରେ ସାରା ରାଜ୍ୟରେ ୮୯ଟି ମଲଟିପରପୋଜ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବ। କ୍ରୀଡା ସହିତ ବାତ୍ୟା ଆଶ୍ରୟସ୍ଥଳ ଠାରୁ ଆରମ୍ଭ କରି ଡାକ୍ତରଖାନା ପରି ମଧ୍ୟ ଏହା କାମ କରିବ। ଦିଗପହଣ୍ଡିରେ ମଧ୍ୟ ଗୋଟିଏ ମଲଟିପ୍ରପୋଜ ଇନ୍‌ଡୋର ଷ୍ଟାଡିୟମ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସେ କହିଥିଲେ। ଏହା ଆମର ପିଲାମାନଙ୍କର କ୍ରୀଡା ପ୍ରତିଭାକୁ ବିକଶିତ କରିବାରେ ବିଶେଷ ସହାୟକ ହେବ। ରାଜ୍ୟ କ୍ରୀଡା ବିକାଶରେ ଆଜି ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, କ୍ରୀଡା ହିଁ ଯୁବସମାଜର ଦକ୍ଷତା ଓ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ନିକଟରେ ଭାରତୀୟ ହକି ଦଳ ଦୀର୍ଘ ୪୦ ବର୍ଷ ପରେ ଅଲିମ୍ପିକ୍‌ରେ ମେଡାଲ ଜିତିପାରିଛି। ଆମ ଓଡ଼ିଶାର ଦୁଇ ଜଣ ଖେଳାଳୀ ମଧ୍ୟ ଏହି ଟିମ୍‌ରେ ଅଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର କଥା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଯୁବ ସମାଜ ଉପରେ ମୋର ବହୁତ ଭରସା ଅଛି। ମୋର ପୁରା ବିଶ୍ୱାସ, ଯୁବ ସମାଜ ହିଁ ଆଗାମୀ ଦିନରେ ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି, ଆମ ଓଡ଼ିଶା ପାଇଁ, ସାରା ଦେଶ ପାଇଁ, ସୁନାମ ଆଣିବେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଲେ ଯେ, ଏହି ଦୁଇଟିଯାକ ପ୍ରକଳ୍ପ ଦିଗପହଣ୍ଡିର ସାମଗ୍ରୀକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦିଗପହଣ୍ଡି ଓ ଗଞ୍ଜାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ସେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୂଚନାଯୋଗ୍ୟ ଯେ, ଦିଗପହଣ୍ଡି ଅଞ୍ଚଳରେ ପୂର୍ବରୁ ମାତ୍ର ୫୦୦ ହେକ୍ଟର ଜମିରେ କପା ଚାଷ କରାଯାଉଥିବା ବେଳେ ଏବେ ଏହା ୫୦୦୦ ହେକ୍ଟରରେ ପହଞ୍ଚିଛି। ପୂର୍ବରୁ ୪ କ୍ୱିଣ୍ଟାଲ ତୁଳା ଅମଳ ହେଉଥିବା ବେଳେ, ଏବେ ୪୪ କ୍ୱିଣ୍ଟାଲ ତୁଳା ଅମଳ ହେଉଛି। କଟନ ଜିନିଙ୍ଗ ମିଲ୍ ପାଇଁ ୩.୨୮ କୋଟି ଟଙ୍କା ବିନିଯୋଗ ହୋଇଥିବା ବେଳେ ଏହା ଉଭୟ ଗଞ୍ଜାମ ଓ ଗଜପତି ଜିଲ୍ଲାର କପା ଚାଷୀମାନଙ୍କ ପାଇଁ ଏକ ବଡ ବଜାର ସୃଷ୍ଟି କରିପାରିବ। ସେହିପରି ବସ୍ ଟର୍ମିନାଲ ଯୋଗୁ ଦିନକୁ ପ୍ରାୟ ୧୦୦ ରୁ ୧୫୦ ବସ୍ ଚଳାଚଳ ହୋଇପାରିବ ଏବଂ ଏହାଦ୍ୱାରା ଲୋକଙ୍କ ଯାତାୟତରେ ଅନେକ ସୁବିଧା ଆସିପାରିବ ବୋଲି ଜଣାଯାଇଛି।

## ଚିତ୍ରଶିଳ୍ପୀ ତୁନେନ୍ଦ୍ର ପଟ୍ଟନାୟକଙ୍କୁ ଜୀବନବ୍ୟାପୀ କଳାସାଧନା ପୁରସ୍କାର ଓ ସ୍ଥପତି ଚନ୍ଦନ ସାମଲଙ୍କୁ କଳା ଉତ୍କର୍ଷତା ପୁରସ୍କାର



**ଭୁବନେଶ୍ୱର :** ଭାରତ ସ୍ୱାଧୀନତାର ପ୍ଲାଟିନମ୍ ଜୁବୁଲି ପାଳନ ଅବସରରେ ହାଇଦ୍ରାବାଦସ୍ଥିତ କଳାମିତ୍ର ଫାଉଣ୍ଡେସନ ତରଫରୁ ବିଭିନ୍ନ ବର୍ଗର ଚିତ୍ରଶିଳ୍ପୀଙ୍କ ଚିତ୍ରକଳାକୁ ନେଇ ଭର୍ଚୁଆଲ୍ ଚିତ୍ରକଳା ପ୍ରଦର୍ଶନୀ -୨୦୨୧ ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି। ଫାଉଣ୍ଡେସନର ସଭାପତି ରମେଶ ମୋଥୁକୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ଲଳିତକଳା ଏକାଡେମୀ (ନୂଆଦିଲ୍ଲୀ)ର ଭାରପ୍ରାପ୍ତ ସଚିବ ରାମକୃଷ୍ଣ ଭେଦାଲା ମହୋଦୟ ମୁଖ୍ୟ ଅତିଥି ଭାବେ ଏବଂ ଲଳିତକଳା ଏକାଡେମୀ (ନୂଆଦିଲ୍ଲୀ)ର ପରିଚାଳନା ପରିଷଦ ସଦସ୍ୟ ଏମ୍.ଭି.ରମଣ ରେଡି ମହୋଦୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ଚିତ୍ରଶିଳ୍ପୀ ମାନଙ୍କୁ ଓଜସ୍ୱିନୀ ବକ୍ତବ୍ୟ ଦ୍ୱାରା ଉତ୍ସାହିତ କରିଥିଲେ। ଏହି ଅବସରରେ ଓଡିଶାର ପ୍ରଖ୍ୟାତ ବର୍ଷିଆନ ଚିତ୍ରଶିଳ୍ପୀ ତୁନେନ୍ଦ୍ର କୁମାର ପଟ୍ଟନାୟକ, ଗୁଜରାଟର ବର୍ଷିଆନ ଚିତ୍ରଶିଳ୍ପୀ ଡଃ ଉଷା ଆର.ପାଠକ, ଚେନ୍ନାଇର ଡି. ଭେଙ୍କଟ ପତି, ହାଇଦ୍ରାବାଦର ବଇରୁ ରଘୁରାମ ମହୋଦୟଙ୍କୁ ଜୀବନବ୍ୟାପୀ କଳାସାଧନା ପୁରସ୍କାର ପ୍ରଦାନ ସହ ଓଡ଼ିଶାର ସ୍ଥପତି ଅଧ୍ୟାପକ ଚନ୍ଦନ ସାମଲ ଓ ଅର୍ନ୍ତଜାତୀୟ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ଶଶଧର ପତି,ଗୁଜରାଟର ଭାର୍ଗବୀ ଭଟ୍ଟ, ପୂର୍ବୀ ସୋଲାଙ୍କି, ପିନାଲ ଆର୍.ପାଞ୍ଚାଲ, ପୁଡୁଚେରୀର ମୌନିସାମି କେ., ଆନ୍ଧ୍ରପ୍ରଦେଶର ପଦ୍ମା କୁଚିବୋତଲା, କର୍ଣାଟକର ସନ୍ତୋଷ କୁମାର ପ୍ରମୁଖ ଚିତ୍ରଶିଳ୍ପୀଙ୍କୁ କଳା ଉତ୍କର୍ଷତା ପୁରସ୍କାର ରେ ଅତିଥିମାନେ ପୁରସ୍କୃତ କରିଥିଲେ। ଭର୍ଚୁଆଲ୍ ଚିତ୍ରକଳା ପ୍ରଦର୍ଶନୀ-୨୦୨୧ ରେ ଆର୍ନ୍ତଜାତୀୟ ଚିତ୍ରଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ପଞ୍ଚାନନ ସାମଲଙ୍କ ଚିତ୍ରକଳା, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ରବୀନ୍ଦ୍ର କୁମାର ମହାରଣାଙ୍କ ପଟ୍ଟଚିତ୍ରରେ ପ୍ରସ୍ତୁତ ଅୟଂଶ୍ରୀ ଚିତ୍ରକଳା, ରମେଶ ମୋଥୁକୁରୀ, ବି.ଏନ୍.ହରିପ୍ରସାଦ, ରାମକୃଷ୍ଣ ଭି.ନାୟକ, ରଭି ଆର୍. କୁଲମଣି, ବିଶ୍ୱନାଥ ଟି. ହାଣ୍ଡି, ସୋନି ଏମ୍.ଖଦାର ପ୍ରମୁଖ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ଶୋଭା ବର୍ଦ୍ଧନ କରିଅଛି। ଉକ୍ତ ଭର୍ଚୁଆଲ୍ ଚିତ୍ରକଳା ପ୍ରଦର୍ଶନୀ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ କଳାନୁରାଗି ଦର୍ଶକ ଦେଖି ଚିତ୍ରଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଫାଉଣ୍ଡେସନର ସଭାପତି ରମେଶ ମୋଥୁକୁରୀ ଜଣାଇଛନ୍ତି।

### ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ

# ୩ୟ ତରଙ୍ଗ ପାଇଁ ପ୍ରସ୍ତୁତ ରୁହ



**ଭୁବନେଶ୍ୱର :** ରାଜ୍ୟରେ କରୋନାର ଦ୍ୱିତୀୟ ଲହରର ପ୍ରଭାବ ହ୍ରାସ ପାଉଥିବା ବେଳେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ରାଜ୍ୟ ସରକାର ଆଶଙ୍କା ବ୍ୟକ୍ତ କରିବା ସହ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କରୋନାର ତୃତୀୟ ଲହରରେ ବିଶେଷକରି ପିଲାମାନେ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସେଥିପାଇଁ ଆବଶ୍ୟକ ଚିକିତ୍ସା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଆଜି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲ୍ଲାପାଳ, ମହାନଗର ନିଗମ କମିଶନର, ସବୁ ମେଡିକାଲ କଲେଜ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ ଚିଠି ଲେଖି ପରାମର୍ଶ ଦେଇଛନ୍ତି। ଜିଲ୍ଲାପାଳମାନେ ଏନେଇ ସପ୍ତାହକ ମଧ୍ୟରେ ବୈଠକ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ୦ ରୁ ୧୮ ବର୍ଷ ବୟସର ପିଲାମାନେ ଏପର୍ଯ୍ୟନ୍ତ କୋଭିଡ୍ ଟିକା ନେଇନାହାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଆକଳନ ଅନୁସାରେ ସମ୍ଭାବ୍ୟ କୋଭିଡ୍ ତୃତୀୟ ଲହରରେ ଏହି ବୟସ ବର୍ଗ ଅଧିକ ସଂକ୍ରମିତ ହେବାର ଆଶଙ୍କା ଅଛି। ତେଣୁ ତୃତୀୟ ଲହର ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିବା ସହ ଭିତ୍ତିଭୂମି ବଢ଼ାଇବାକୁ ପଡିବ। ଏହାସହିତ କେତେକ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ତୃତୀୟ ଲହରର ସଠିକ ତଦାରଖ ଓ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରରେ ଟାସ୍କ ଫୋର୍ସ ଗଠନ ସହ ସେଥିରେ ସିଡିଏମ୍‌ଓ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ, ଆନେସ୍ଥେସିଆ ବିଶେଷଜ୍ଞ, ୟୁଏନ୍/ ଡବ୍ଲ୍ୟୁଏଚ୍‌ଓ ଅଧିକାରୀ ଓ ଅନ୍ୟମାନଙ୍କୁ ସଦସ୍ୟ ରଖିବାକୁ କହିଛି। ଏହି କମିଟି ଆବଶ୍ୟକ ପଦକ୍ଷେପ ନେବା ସହ ଚିକିତ୍ସା ଭିତ୍ତିଭୂମିରେ ରହୁଥିବା ସମସ୍ୟାକୁ ଦୂର କରାଇବ। ଏହାସହିତ ଶିଶୁମାନଙ୍କ ସହ ଜଡିତ ସମସ୍ତ ଆଇଏଲଆଇ/ ଏସ୍‌ଏଆରଆଇ ମାମଲା ଗୁଡିକ ପଞ୍ଜିକୃତ ହେବା ସହ ୦ ରୁ ୧୮ ବର୍ଷ ବୟସର ପିଲାଙ୍କଠୁ ସ୍ୱାବ ସଂଗ୍ରହ କରି ସେଗୁଡିକର ଆରଟିପିସିଆର ପରୀକ୍ଷା ନିଶ୍ଚିତ କରିବାକୁ କୁହାଯାଇଛି। ଅସୁସ୍ଥ ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ନିମନ୍ତେ ଆରଟିପିସିଆର ରିପୋର୍ଟ ରହିବା ବାଧ୍ୟତାମୂଳକ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି।




# ଜିଲ୍ଲା ବିକାଶରେ ପ୍ରତିବନ୍ଧକ ସାଜୁଛି ବିଜେଡିର ଗୋଷ୍ଠୀ କନ୍ଦଳ

**ଜଗତସଂହପୁର,(ଜ୍ୟୋତି ରଞ୍ଜନ ପଟ୍ଟନାୟକ) :** ବିଜେଡି ଦଳ ଗଠନ ହେଲା ଦିନଠାରୁ ଆଜି ପର୍ଯ୍ୟନ୍ତ ଦଳୀୟ ଗୋଷ୍ଠି କନ୍ଦଳ ଯୋଗୁଁ ଜିଲ୍ଲାର ଯେତିକି ବିକାଶ ହେବା କଥା ଏବେ ସୁଦ୍ଧା ତାହା ପୁରଣ ହୋଇପାରୁ ନାହିଁ । ଜଗତସଂହପୁର ଜିଲ୍ଲା ମାନ୍ୟତା ପାଇବା ପରେ ବିଜେଡି ହିଁ ଶାସନ ଗାଦିରେ ବସି ରହଛି। ଏହି ଜିଲ୍ଲାର ଚାରିଗୋଟି ବିଧାନସଭା ଆସନ ମଧ୍ୟରୁ ବିଜେଡି ମଧ୍ୟରେ ଗୋଷ୍ଠି କନ୍ଦଳ ଲାଗି ରହିଥିଲେ ବି ନିଜର ଦବଦବା ଜାରି ରଖିଥିବା ବେଳେ କଂଗ୍ରେସ ଓ ବିଜେପି ନେତା ମାନେ ସେମାନଙ୍କ ଅସନ୍ତୁଷ୍ଟ ମାନଙ୍କୁ ଧରି ଫାଇଦା ଉଠାଇବାର ସକ୍ଷମ ହୋଇପାରୁ ନାହାନ୍ତି। ଏପରିକି କଂଗ୍ରେସ ଓ ବିଜେପି ନେତା ଏବଂ କର୍ମୀ ମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ପରିବର୍ତ୍ତେ ବିଜେଡି ନେତା ମାନଙ୍କ ନିକଟରେ ନିର୍ବାଚନ ବେଳକୁ ଖର୍ଦ୍ଦି ବିକ୍ରୟ ହୋଇଯାଉଛନ୍ତି ଫଳରେ ବିଜେଡି ନିଜର ସ୍ଥିତି ବଜାୟ ରଖୁଥିଲେବି ସାଂସଦ ଓ ବିଧାୟକ ମାନଙ୍କ ଗୋଡଟଣା ନିତି ଯୋଗୁଁ ଜିଲ୍ଲା ବିକାଶ କ୍ଷେତ୍ରରେ ପଛଘୁଞ୍ଚା ହେଉଛନ୍ତି। ସାଂସଦ ଓ ବିଧାୟକ ମାନଙ୍କ ଛାୟା ଯୁଦ୍ଧ ଯୋଗୁଁ ଜିଲ୍ଲା ର ବିକାଶ କ୍ଷେତ୍ରରେ ସିମିତ ହୋଇଯାଉଛି। ଜିଲ୍ଲାର ୮ଗୋଟି ବ୍ଲକ ମଧ୍ୟରୁ ଏ ପର୍ଯ୍ୟନ୍ତ ବ୍ରିଟିଶ୍ ଅମଳର କୌଣସି ନାଳ ଗୁଡିକ ବି ପୁର୍ନଉଦ୍ଧାର କରାଯାଇପାରୁ ନାହିଁ ଫଳରେ ଚାଷ ଜମି ଉପରେ ନିର୍ଭର କରିଚଳୁଥିବା ଚାଷୀ ମାନଙ୍କ ପାଇଁ ବର୍ଷା ଦିନରେ ମୁଣ୍ଡ ବ୍ୟଥାର କାରଣ ହେଉଛି। ସବୁଠାରୁ ଦୁଃଖ ଦାୟକ ଓ ଲଜ୍ଜା ଜନକ ଘଟଣା ହେଉଛି କଟକ ସଦର ପାଇକା ମୁହାଣ ନିକଟରୁ ବାହାରିଥିବା ହଂସୁଆ ନଈଟି ଜିଲ୍ଲାର ବିରିଡି ବ୍ଲକ, ରଘୁନାଥପୁର ବ୍ଲକ , ତିର୍ତ୍ତୋଲ ବ୍ଲକ, ଏରସମା ବ୍ଲକ ଓ ବାଲିକୁଦା ବ୍ଲକ ଆଦି ଅଞ୍ଚଳ ଦେଇ ଜଟାଧାର ମୁହାଣ ନିକଟରେ ବଙ୍ଗୋପସାଗରରେ ମିଶିଯାଇଛି ହେଲେ ଏହି ହଂସୁଆ ନଈଟିର ପୂର୍ନଉଦ୍ଧାର କରାଯାଇ ପରିନଥିଲା ବେଳେ ଜିଲ୍ଲାର ହଜାର ହଜାର ଚାଷୀ ବର୍ଷା ଦିନରେ ନିଜର ଜୀବନ ଜୀବିକା ହରାଉଛନ୍ତି । ଏ ସମ୍ପର୍କରେ ବହୁ ବିଧାୟକ ହଂସୁଆ ନଈଟିର ପୁର୍ନଉଦ୍ଧାର କରାଯିବା କଥା ନିର୍ବାଚନ ସମୟରେ ଭାଷଣ ପ୍ରସଙ୍ଗରେ କହୁଥିବା ବେଳେ କାର୍ଯ୍ୟରେ କରାଯାଇପାରୁ ନାହିଁ। ସେହିପରି ତିର୍ତ୍ତୋଲ ନିକଟରେ ଦୀର୍ଘ ବର୍ଷ ଧରି ବନ୍ଦ ହୋଇ ପଡିଥିବା ଶାରଳା ସୁତା ମିଲ୍‌ଟି ର ବି ପୂର୍ନଉଦ୍ଧାର କରାଯାଇପାରିଲା ନାହିଁ। କଂଗ୍ରେସ ଦଳର ହେଭି ୱେଟ ନେତା ଜଗତସିଂହପୁର ଆସନ ଟି ଦଖଲ କରିଥିଲେ ବି ଏହି ହଂସୁଆ ନଈ ବା ସାରଳା ସୁତା ମିଲଟିର ପ୍ରସଂଙ୍ଗକୁ ନେଇ ବିଧାନ ସଭା ମଧ୍ୟରେ ଶାସକ ଦଳକୁ ଘାଇଲା କରି ପାରିଲେ ନାହିଁ । ଦିନକୁ ଦିନ ଜିଲ୍ଲାର ବିକାଶ କ୍ଷେତ୍ରରେ ବିଜେଡି ସରକାର ପ୍ରତିବନ୍ଧକ ସାଜୁ ଥିବାର ବିଦ୍ଧିଜିବି ମହଲରେ ଆଲୋଚନା ହେଉଛି। ବିଜେଡି ଦଳର ଦୁଇ ଗୋଷ୍ଠିଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିବାରୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସଙ୍କ ପ୍ରତିମୁର୍ତ୍ତିଟି ବି ଉଦ୍‌ଘାଟନ ହୋଇପାରୁ ନାହିଁ। ସେହିପରି ଜିଲ୍ଲା ସଦର ମହକୁମା ଡାକ୍ତରଖାନାଟି ବି ଅତ୍ୟନ୍ତ ଦୟନୀୟ ଅବସ୍ଥାରେ କାର୍ଯ୍ୟ କରୁଛି। ବିଜେଡି ଦଳ ଭିତରେ ଥିବା କନ୍ଦଳ ଉପରେ ଅଙ୍କୁଶ ଲଗାଇ ଜିଲ୍ଲାର ମର୍ଯ୍ୟାଦା ଓ ସ୍ୱାଭିମାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ।



ରାଜେନ୍ଦ୍ର ପ୍ରସାଦ ଟେଟେ
ଜିଲ୍ଲା କର୍ମ ନିୟୋଜନ ଅଧିକାରୀ
ରାୟଗଡ଼

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ ଅଥବା ସାନିଟାଇଜ୍ କରନ୍ତୁ।



ଜଗନ୍ନାଥ ନୁଁଣ୍ଡରୁକା
ବରିଷ୍ଠ ବିଜୁ ଜନତା ଦଳ ନେତା
ତଥା ପୂର୍ବତନ ଅଧ୍ୟକ୍ଷ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ରାୟଗଡ଼

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ କଳାହାଣ୍ଡୀବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ପ୍ରିୟବ୍ରତ ରଥ
ଟେକ୍ନିକାଲ କନସଲଟାଣ୍ଟ
ଏସ୍‌ଏସ୍, କଳାହାଣ୍ଡି

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ କୋକସରାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ଜନ୍ମେଜୟ ଘି
ଗ୍ରାମ ରୋଜଗାର ସେବକ
କୋକସରା ବ୍ଲକ

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ ଉଦଳାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ଧୀରେନ୍ଦ୍ର କୁମାର ଖଣ୍ଡେଲୱାଲ
ଉଦଳା ନଗର ସଭାପତି
ଭାରତୀୟ ଜନତା ପାର୍ଟି (ବିଜେପି)

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ କୋକସରା ବ୍ଲକବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।



ତୋଫାନ ମାଝୀ
ଏବିଇଓ
କୋକସରା

# ପ୍ରେମ ସତ୍ୟ ଓ ନ୍ୟାୟର ପ୍ରତୀକ ନିମୁହିଁ ମନ୍ଦିର



ସିତାଂଶୁ ଶେଖର ମିଶ୍ର

ସୁବର୍ଣ୍ଣପୁରର ଇତିହାସ, ପରମ୍ପରା, ସଂସ୍କୃତି ଓ ଚାଲିଚଳନ ସବୁଥିରେ ଭରି ରହିଥାଏ ଏକ ସ୍ୱତନ୍ତ୍ରମହକ। ଏହାରପାଣି ପବନ ପ୍ରାକୃତିକ ସୌନ୍ଦର୍ଯ୍ୟ ସବୁ କଥା କହେ। ଏହା ଏକ ଗଡ଼ଜାତ ରହିଥିଲା। ଏହାର ଶାସନ ଭାର ଗ୍ରହଣ କରିଥିବା ରାଜା ମାନେ ନ୍ୟାୟ ସତ୍ୟ ଓ ନିଷ୍ଠାକୁ ବ୍ରତ ଭାବରେ ପାଳନ କରୁଥିବା କିଛି କଥା ବସ୍ତୁରୁ ଅନୁମେୟ ହୋଇଥାଏ। ତାର ଏକ ଉଦାହରଣ ଆମ ପାଇଁ ରଖିଯାଇଛନ୍ତିୟ ତାହା ହେଉଛି ନିମୁହିଁ ମନ୍ଦିର। ଏହି ନିମୁହିଁ ମନ୍ଦିରକୁ ନେଇ ଏକ ସୁନ୍ଦର କାହାଣୀ ରହିଅଛି:

ପୋଡ଼ଶି ରାଜ୍ୟ ଅମରାବତୀର ରାଜା ବିକ୍ରମ କେଶରୀଙ୍କ ଝିଅ ଶଶିସେଣା ବହୁତ ସୁନ୍ଦର ଥିଲା। ରାଜା ଝିଅକୁ ଅତ୍ୟଧିକ ଭଲପାଉଥିଲେ। ଝିଅ ଗୁରୁ ଆଶ୍ରମରେ ଶିକ୍ଷା ଦୀକ୍ଷା ଗ୍ରହଣ କରିବା ପାଇଁ ଇଛା ପ୍ରକାଶ କଲା। ସେହି ସମୟରେ ରାଜ୍ୟରେ ଆନନ୍ଦସିଦ୍ଧ ନାମକ ଏକ ଋଷି ଥିଲେ। ଝିଅ ଶଶିସେଣାକୁ ଶିକ୍ଷା ଗ୍ରହଣ ସକାଶେ ରାଜା ଝିଅକୁ ଋଷି ଆଶ୍ରମରେ ଛାଡ଼ି ଆସିଥିଲେ। ପୂର୍ବରୁ ଏହି ଆଶ୍ରମରେ ରାଜ୍ୟର ମନ୍ତ୍ରୀଙ୍କ ପୁଅ ଅହିମାଣିକ୍ୟ ମଧ୍ୟ ଶିକ୍ଷା ଲାଭ କରୁଥିଲା। ଅହିମାଣିକ୍ୟ ଦେଖିବାକୁ ବହୁତ ସୁନ୍ଦର ଥିଲା। ପାଠପଢିବା ଠାରୁ ଆରମ୍ଭକରି ଆଶ୍ରମରେ ରହିଥିବା ସମସ୍ତ ନିୟମ କାନୁନକୁ ନିଷ୍ଠାର ସହ ନିଭାଉଥିଲା। ଆଶ୍ରମରେ ଶିକ୍ଷା ଗ୍ରହଣ ଅବସରରେ ରାଜଜେମା ଶଶିସେଣା ଓ ଅହିମାଣିକ୍ୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଇତ୍ୟ ଅବସରରେ ଉଭୟଙ୍କ ପାଠପଢା ସରିଯାଇଥାଏ। ଉଭୟ ଉଭୟଙ୍କୁ ଭଲପାଇ ବିବାହ କରିବା ପାଇଁ ନିଷ୍ପତ୍ତି ନିଅନ୍ତି। ରାଜା କିନ୍ତୁ କେବେ ମଧ୍ୟ ନିଜର ମନ୍ତ୍ରୀଙ୍କ ପୁଅଙ୍କ ସହିତ ବିବାହ ଦେବାକୁ ହୁଏତ ମନା କରିପାରନ୍ତି। ଏମିତି ହୋଇପାରେ ମନ୍ତ୍ରୀଙ୍କ ପୁଅଙ୍କୁ ଏଥି ସକାଶେ କୌଣସି ପ୍ରକାରର ଦଣ୍ଡବିଧାନ ଆଶଙ୍କା ରହିଥିଲା। ଶଶିସେଣା ଓ ଅହିମାଣିକ୍ୟ ନିଷ୍ପତ୍ତି ନେଲେ ଉକ୍ତ ରାଜ୍ୟ ଛାଡ଼ି ଅନ୍ୟତ୍ର ଚାଲିଯିବା ସକାଶେ। ଯୋଜନା ଅନୁଯାୟୀ ଉଭୟ ଲୁଚିକରି ଚାଲିଆସି ପହଞ୍ଚିଥିଲେ ସୋନପୁର ରାଜ୍ୟରେ।

ସୋନପୁରରେ ସେମାନେ ପହଞ୍ଚିଥିଲେ ଭାକେଶ୍ୱରୀ ବର୍ତ୍ତମାନର ଭଗବତୀପୀଠ ନିକଟରେ। ଉକ୍ତ ସ୍ଥାନରେ ରହିଥିଲା ଏକ ଆକର୍ଷଣୀୟ ପୁଷ୍କରିଣୀ। ଏହି ସ୍ଥାନପ୍ରତି ବଢିଥିଲା ତାଙ୍କର ଆଗ୍ରହ ଏବଂ ଏଠାରେ ନିଜର ନିତ୍ୟକର୍ମସାରି ମାଁ ଭାକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସାରିବା ପରେ ଏହି ସହରରେ ରହିବା ପାଇଁ ମନସ୍ଥ କରିଥିଲେ। ସେଥିପାଇଁ ଏକ ଘର ଯୋଗାଡ଼ ଉଦ୍ଦେଶ୍ୟରେ ଅହିମାଣିକ୍ୟ ସହରମଧ୍ୟକୁ ବାହାରି ପଡ଼ିଥିଲେ ଓ ଶଶିସେଣାକୁ ଏକାକୀ ସେଠାରେ କିଛି ସମୟ ଅପେକ୍ଷା କରି ରହିବାକୁ କହିଥିଲେ। ଠିକ୍ ଅଛି ତମେ ଆସିବା ବେଳେ ମୋ ପାଇଁ କିଛି ଫୁଲ ନେଇଆସିବ ବୋଲି କହି ଶଶିସେଣା ଅପେକ୍ଷା କରି ରହିଥିଲା। ଅହିମାଣିକ୍ୟ ସହରମଧ୍ୟକୁ ଯାଇ ଫୁଲ ଆଣିବା ପାଇଁ ମାଳି ସାହିରେ ଯାଇ ପହଁଚିଲା, କହିଲା ହଁ ମୋ ପାଖରେ ଭଳିକି ଭଳି ଫୁଲ ରହିଛି ଆସ ଯଦି ଫୁଲ ନେବ ଆସ। ସେତେବେଳେକୁ ମାଲୁଣି ଅହିମାଣିକ୍ୟର ସୁନ୍ଦରତାରେ ବିମୋହିତ ହୋଇସାରିଥିଲା। ଅହିମାଣିକ୍ୟ ତାଙ୍କ ପାଖରୁ ଫୁଲ ଆଣିବା ବେଳେ ତାର କୁହୁକ ବିଦ୍ୟାରେ ତାକୁ ଏକକଳା ମେଣ୍ଢାରେ ପରିଣତ କରିଦେଲା। ତାକୁ ରଖିଲା ଆଉ ଦିନ ଯାକ ମେଣ୍ଢା ଓ ରାତି ହୋଇଲେ ତାକୁ ଭେଣ୍ଡା କରିଦେଉଥିଲା।

ଏପଟେ ଅହିମାଣିକ୍ୟର ଆସିବା ବାଟକୁ ଚାହିଁ ଚାହିଁ ସକାଳ ଯାଇ ସଞ୍ଜ ହୋଇସାରିଛି। ରାତି ବଢି ବଢି ଚାଲିଲା ନୂଆ ଜାଗା ମନରେ



ଭୟଜାତହେଲା। ଦେବୀ ଭାକେଶ୍ୱରୀଙ୍କ ପାଖରେ ପ୍ରାର୍ଥନା କଲା। ଭୋକ ଉପାସରେ ଅଧିଆ ପଡ଼ିଲା। କାନ୍ଦି କାନ୍ଦି ତାର ଦୁଃଖ ଜଣାଇଲା ଦେବୀ ତା'ଉପରେ ସନ୍ତୁଷ୍ଟ ହେଲେ ଓ ଆଶୀର୍ବାଦ ପ୍ରଦାନ କଲେ। ଦେବୀଙ୍କ ଆଶୀର୍ବାଦ ଯୋଗୁଁ ମନରେ ସାହାସ ବାନ୍ଧିଲା। ରାତି ଯାଇ ସକାଳ ହେଲା। ମନରେ ଏକ ନୂଆ ଭାବନା ଆଣିଲା। ଅହିମାଣିକ୍ୟକୁ ଯେମିତି ହୋଉଖୋଜି ଅଣିବା ପାଇଁ।

ଶଶିସେଣାରୁ ଶଶଧର ହୋଇଗଲା। ନିଜର ରୂପ ବଦଳାଇ ଯାଇ ରାଜାଙ୍କୁ ଭେଟିଲା। ମୁଁ ବହୁ ବିଦ୍ୟାରେ ପାରଙ୍ଗମ ଅଟେ। ମୋତେ ରାଜକର୍ମଚାରୀ ଆକାରରେ ନିଯୁକ୍ତି ସୁଯୋଗ ରହିଲେ ଅସମ୍ଭବ କାମକୁ ସମ୍ଭବ କରିଦେବି ବୋଲି କହିଲା। ରାଜା ସମସ୍ତ କଥା ଶୁଣିବା ପରେ ତାକୁ ରାଜ କର୍ମଚାରୀ ଆକାରରେ ନିଯୁକ୍ତି ପ୍ରଦାନ କରିଥିଲେ। ଏହି ସମୟରେ ରାଜ୍ୟରେ ଏକ ଗଣ୍ଡାର ଦୌରାମ୍ୟରେ ଜନସାଧାରଣ ଅତିଷ୍ଠ ହୋଇପଡିଥିଲେ। ରାଜା ସେହି ଗଣ୍ଡା ଉତ୍ପାତରୁ ରକ୍ଷା ପାଇବା ପାଇଁ ଉପାୟ ଖୋଜିବା ପାଇଁ ମହାମନ୍ତ୍ରୀଙ୍କ ସହ ଆଲୋଚନା ଜାରି ରଖିଥାନ୍ତି। ଏହିକଥା ଜାଣିବା ପରେ ଶଶିସେଣାରୁ ଶଶଧର ପାଲଟିଥିବା ରାଜ କର୍ମଚାରୀ ଏହି କାର୍ଯ୍ୟ ମୁଁ କରିପାରିବି କହି ମୋତେ ଏହି କାର୍ଯ୍ୟ କରିବା ପାଇଁ ସୁଯୋଗ ଦେବାକୁ କହିଥିଲା।

ରାଜାଙ୍କ ଆଦେଶ ମୁତାବକ ଗଣ୍ଡାକୁ ତା ପର ଦିନ ହତ୍ୟା କରି ତା ମୁଣ୍ଡସହ ରାଜାଙ୍କ ପାଖରେ ଆସି ପହଁଚିଲା। ରାଜା ଖୁସିହୋଇ ତାକୁ କିଛି ଜମି ପ୍ରଦାନ କରିଥିଲେ। ରାଜା ତାଙ୍କ ଝିଅ ଚନ୍ଦ୍ରାବଳୀକୁ ଶଶଧର ସହିତ ବିବାହ କରିଦେଲେ। ଶଶଧର ରାଜାଙ୍କ ପାଖରେ କିଛି ସର୍ତ୍ତ ରଖିଲା। ମୁଁ ବାହାହେଲେ ସୁଦ୍ଧା ତାହା ସହ ଏକ ବର୍ଷ ପର୍ଯ୍ୟନ୍ତ କୋଣସି ସମ୍ପର୍କ ରଖିବି ନାହିଁ କି ପାଖରେ ରହିବି ନାହିଁ। ଏହି ସମୟରେ ମୋ ପାଇଁ ସପ୍ତ ଦେଉଳ ନିର୍ମାଣ କରିଦିଅନ୍ତୁ। ନିର୍ମାଣ ପରେ ଏଠାରେ ଏକ ପୂଜାର ଆୟୋଜନ ସ୍ୱରୂପ ଏକ ଲକ୍ଷ ବୋଦା ପଡ଼ିବା କଥା ରଖିଥିଲା। ରାଜା ନିଜର ଝିଅ ସକାଶେ ସବୁ ସର୍ତ୍ତରେ ହଁ ମଣିଲେ। ନିର୍ମାଣ ହେଲା ସପ୍ତ ମନ୍ଦିର। ମନ୍ଦିର ପ୍ରତିଷ୍ଠାର ଆୟୋଜନ ବହୁ ଧୁମଧାମରେ ଆରମ୍ଭ ହେଲା। ଏହି ଖବର ସବୁଆଡେ ପ୍ରଚାର ହୋଇ ସାରିଥାଏ। ରାଜ୍ୟସାରା ଲୋକ ସମାଗମ ହୋଇ ସହର ଉଠୁଥାଏ ପଡୁଥାଏ। ଉତ୍ସବ ମୁଖର ହୋଇ ଉଠିଥାଏ ସହର। ଏହି ଖବର ଅହିମାଣିକ୍ୟ ପାଖରେ ମଧ୍ୟ ପହଂଚିଲା। ଜ୍ଞାନ ଦେଇ ମାଲୁଣିକୁ ଅହିମାଣିକ୍ୟ ଏହି ଯାତ୍ରା ଦେଖିଯିବାକୁ ମନ ହେଉଛି କହିଲା। ମାଲୁଣି ତାକୁ ଧରି ମନ୍ଦିର ପ୍ରତିଷ୍ଠା ହୋଉଥିବା ଜାଗାରେ ପହଞ୍ଚିଲା। ଏହି ସମୟରେ ଅହିମାଣିକ୍ୟ ଶଶିସେଣାକୁ ଦେଖିପାରିଲା। ସେ ପୁରୁଷ ବେଶରେ ଥିଲେ ମଧ୍ୟ ତାକୁ ଜାଣି ପାରିଥିଲା। ମୁଁ ତମର ଅହିମାଣିକ୍ୟ ଜ୍ଞାନଦେଇ ମାଲୁଣି ମୋତେ ମେଣ୍ଢା କରି ତା' ଘରେ ରଖିଛି। ରାତି ହେଲେ ମୋତେ ଭେଣ୍ଡା କରିଦେଉଛି। ମୋତେ ତା ପାଖରୁ ଉଦ୍ଧାର କର। ଏତିକି ମନ୍ଦିରର କାନ୍ଥରେ ଲେଖିପକାଇଲା। ତା ପରଦିନ ସକାଳୁ ସକାଳୁ ଏହା ଶଶଧର ଆଖିରେ ପଡ଼ିଲା। ତାକୁ ପଢିସାରି ମେଟାଇ ଦେଲା। ତା' ପରଦିନ ରାଜ କର୍ମଚାରୀଙ୍କ ହାତରେ ଜ୍ଞାନଦେଇ ମାଲୁଣିକୁ ଖବର ଦିଆଗଲା। ତୋ ପାଖରେ ଥିବା କଳା ମେଣ୍ଢାକୁ ଧରି ଆସିବାକୁ ତାକୁ ବଳି ଦିଆଯିବ। ମାଲୁଣି ଖବରପାଇ ମେଣ୍ଢା ସହିତ ରାଜାଙ୍କ ପାଖରେ ହାଜର ହୋଇଥିଲା। ତାକୁ ଶଶଧର କହିଲା ତୁ ପରା କୁହୁକ ମନ୍ତ୍ର ବଳରେ ଭେଣ୍ଡାକୁ ମେଣ୍ଢା ଓ ମେଣ୍ଢାକୁ ଭେଣ୍ଡା କରିପାରୁ। ତାହାହେଲେ ବଳି ଦେବା ଆଗରୁ ଏହା ପ୍ରକୃତରେ ମେଣ୍ଢା କି ଭେଣ୍ଡା କେମିତି ଜାଣିବା। ତୁ ଯଦି ସତ ନ କହିବୁ ତୋତେ ଦଣ୍ଡ ଦିଆଯିବ। ତା'ପରେ ପରେ ସେ ପ୍ରକୃତରେ ମନ୍ତ୍ରବଳରେ ପୁଣି ତାକୁ ଭେଣ୍ଡା କରିଦେଲା।

ଶଶିସେଣା ଅହିମାଣିକ୍ୟକୁ ଦେଖି ଖୁସି ହେଲା। ତାପରେ ପରେ ତାର ରୂପ ଓ ପୋଷାକ ବଦଳାଇ ରାଜାଙ୍କୁ ଯାଇ ସବୁ ସତକଥା କହିଲା।



ମୁଁ ଶଶଧର ନୁହେଁ ମୁଁ ହେଉଛି ଅମରାବତୀର ରାଜଜେମା ଶଶିସେଣା ଓ ଇଏ ହେଉଛନ୍ତି ମୋର ସ୍ୱାମୀ ଅହିମାଣିକ୍ୟ। ସେତେବେଳେ ରାଜା କୌଣସି ପ୍ରତିଶୋଧ ପରାୟଣ ହୋଇନଥିଲେ। ସବୁ ସତକଥା କହି ନିଜର ସ୍ୱାମୀଙ୍କୁ ଉଦ୍ଧାର କରିବାରେ ଯୋଉ କୌଶଳ ଓ ବୁଦ୍ଧିମତାର ପରିଚୟ ରଚିଲ ତାହା ନିଶ୍ଚୟ ଯୁଗେ ଯୁଗେ ଅମର ହୋଇ ରହିବ। ନାରୀ ସମାଜ ପାଇଁ ଏହା ଏକ ନିଶ୍ଚୟ ପ୍ରେରଣା ହୋଇରହିବ ତା'ପରେ ଝିଅ ଚନ୍ଦ୍ରା ବଳି ଓ ଶଶିସେଣା ଉଭୟଙ୍କୁ ଅହିମାଣିକ୍ୟ ହାତରେ ଧରାଇଦେଇ ସୁଖ ଶାନ୍ତିରେ ରହିବାର ଆଶୀର୍ବାଦ ପ୍ରଦାନ କରିଥିଲେ। ସେହି ସପ୍ତମନ୍ଦିର ମଧ୍ୟରୁ ଏବେ ମାତ୍ର ଗୋଟାଏ ମନ୍ଦିର ନିମୁହିଁ ମନ୍ଦିର ରହିଛି। ବାକି ଛଅ ଗୋଟି ମନ୍ଦିରର ଆଉ ଚିହ୍ନବର୍ଣ୍ଣ ଦେଖାଯାଉନାହିଁ। ଏହିଭଳିଆ ଏକ ଐତିହାସିକ ସ୍ମୃତି ପ୍ରେମ, ସତ୍ୟ, ନ୍ୟାୟ ତଥା ନାରୀ ଜାତିପାଇଁ ଏକ ସ୍ୱାଭିମାନର ପ୍ରତୀକ ହେଉଛି ଏହି ନିମୁହିଁ ମନ୍ଦିର। ଏହାର ବିକାଶର ଆବଶ୍ୟକତା ରହିଛି।

ଏହିଭଳିଆ ସ୍ମୃତି ଓ କୀର୍ତ୍ତିରାଜି ବହନ କରୁଥିବା ଏହିପୀଠଟି ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇପଡିଛି। ଉକ୍ତ ସ୍ଥାନକୁ ସଙ୍କୁଚିତ କରିଦିଆଗଲାଣି। ଆମର ଐତିହ ସଂସ୍କୃତି ପରମ୍ପରାକୁ ସୁରକ୍ଷା ଦେବାକୁ ହେବ। ଏହାଦ୍ୱାରା ଆମର ପରବର୍ତ୍ତୀ ପିଢି ସମସ୍ତ ବିଷୟରେ ଅବଗତ ହୋଇପାରିବେ। ଆଜି ସୁବର୍ଣ୍ଣପୁରର ସମସ୍ତ କୀର୍ତ୍ତିରାଜି ଧ୍ୱଂସମୁଖରେ। ଜିଲ୍ଲା ପ୍ରଶାସନ ଓ ରାଜନୈତିକ ବ୍ୟକ୍ତି ଓ ନେତୃତ୍ୱ ଏ ଦିଗପ୍ରତି ଯତ୍ନବାନ ହେବାକୁ ହେବ।

ନିମୁହିଁ ମନ୍ଦିର ଏକ ବିରଳ କୀର୍ତ୍ତିରାଜି ଯାହାକି ସୁବର୍ଣ୍ଣପୁର ସଦର ମହକୁମାରେ ରହିଅଛି। ଏହିଭଳିଆ ମନ୍ଦିର ଆମ ରାଜ୍ୟ କାହିଁକି ଭାରତ ବର୍ଷରେ ମଧ୍ୟ ଦେଖିବାକୁ ମିଳେନାହିଁ। ଏହା ପ୍ରେମ ସତ୍ୟ ଓ ନ୍ୟାୟର ପ୍ରତୀକ ଅଟେ। ଆଜି କିନ୍ତୁ ଘୋର ଅବହେଳା ଓ ତାକୁ ସଙ୍କୁଚିତ କରିଦିଆଯାଉଛି। ଉକ୍ତ ସ୍ଥାନରେ ରହିଥିବା ଅନୁଷ୍ଠାନକୁ ଏଠାରୁ ସ୍ଥାନାନ୍ତରିତ କରାଯିବା ଉଚିତ୍ ହେବ। ଏହାକୁ ସୁନ୍ଦର ଏକ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ରୂପରେ ବିକଶିତ କରାଯାଇ ନ୍ୟାୟର ପ୍ରତିକକୁ ନ୍ୟାୟ ପ୍ରଦାନ କରିବାକୁ ହେବ।

**ସୋନପୁର**
**ଦୂରଭାଷ : ୮୧୪୪୮ ୭୦୭୨୯**

## ଖରିପଡିଆ ଦାରୁ ପୀଠରେ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ

**ଜଗତସିଂହପୁର:** ସେ ଲିଳାମୟ ଠାକୁର ଯାହାର ନିର୍ଦ୍ଦେଶ ବଳରେ ବିଶ୍ୱ ବ୍ରହ୍ମାଣ୍ଡ ଚାଲିଥିବା ବେଳେ କରୋନା ମହାମାରୀରେ ବି ବିନା ଭକ୍ତରେ ବିଶ୍ୱ ପ୍ରଶିଦ୍ଧ ରଥଯାତ୍ରା ଚାଲିଛି। କେଉଁ ଆବାହାନ କାଳରୁ ଭାଇ ଭଉଣୀଙ୍କର ରଥଯାତ୍ରା ପୁରିରେ ପାଳନ ହୋଇ ଆସୁଛି। ଏହି ଦାରୁବ୍ରହ୍ମ ମୁରାରୀଙ୍କ ମହା ମାନବୀୟ ଲିଳା ବିଶ୍ୱର କୌଣସି ସ୍ଥାନରେ ବି ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳି ନାହିଁ। ଚଳିତ ଶତାବ୍ଦୀର ପ୍ରଥମ ନବକଳେବର ନିମନ୍ତେ ଲିଳାମୟ ଜଗନ୍ନାଥଙ୍କ ଦାରୁ ୨୦୧୫ ମସିହାରେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ତିନି ଗୋଟି ବ୍ଲକର ବିଭିନ୍ନ ମନ୍ଦିର ନିକଟରୁ ଦାରୁ ଉଠିବା ଘଟଣା ସମଗ୍ର ରାଜ୍ୟକୁ ବି ସ୍ତବ୍ଧକରି ଦେଇଥିଲା। ଏହି ଲିଳାମୟ ଜଗନ୍ନାଥଙ୍କ ଦାରୁ ହିଁ ରଘୁନାଥପୁର ବ୍ଲକ ଖରିପଡିଆର ଜଣେ ଗରିବଙ୍କ ବାଡିରୁ ଉଠାଯାଇଥିବା ବେଳେ ତିର୍ତ୍ତୋଲ ବ୍ଲକ ସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କ ପୀଠ ନିକଟରୁ ବଡ ଭାଇ ବଳଭଦ୍ରଙ୍କ ଦାରୁ ହିଁ



ଉଠିଥିଲା। ଦୁଇ ଭାଇ ଙ୍କ ଦୁଇଗୋଟି ସ୍ଥାନରୁ ଦାରୁ ଉଠିଲା ପରେ ଅଭିମାନି ଭଉଣୀ ଦେବୀ ସୁଭଦ୍ରାଙ୍କ ଦାରୁ ବିରିଡି ବ୍ଲକ ସ୍ଥିତ ଅଢଙ୍ଗଗଡ ନିକଟରୁ ଉଠିଥିଲା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ଉଠାଯାଇଥିବା ଖରିପଡିଆ ନିକଟରେ ଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜିବି, ରାଜନେତା ଏବଂ ଭକ୍ତ ମାନେ ଏକତ୍ର ହୋଇ ପରମ୍ପରାକୁ ବଜାୟ ରଖିବା ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଏକ ଟ୍ରଷ୍ଟ ଗଠନ କରି ମନ୍ଦିର ନିର୍ମାଣ ପାଇଁ ଆଗଭର ହେବା ଘଟଣା ଅଞ୍ଚଳ ବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ଏହି ମନ୍ଦିର ପ୍ରତିଷ୍ଠାପରେ ଏଠାରେ ବିବାହ କାର୍ଯ୍ୟକ୍ରମ ଓ ଦୁର ଦୁରାନ୍ତ ଭକ୍ତ ମାନଙ୍କ ପାଇଁ ଶୁଖିଲା ପ୍ରସାଦ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ମଧ୍ୟ କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ତ୍ତମାନ ସମୟରେ ମହାମାରୀ କରୋନା ପ୍ରକୋପ ଯୋଗୁଁ ମନ୍ଦିର ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସାହାଯ୍ୟ ପ୍ରଦାନ ପାଇଁ ବ୍ୟାଙ୍କ ଆକାଉଣ୍ଟ ନଂ- ୩୫୦୬୪୪୯୫୦୧୩ ରେ ପଠାଇବା ପାଇଁ କମିଟି ପକ୍ଷରି ନିବେଦନ କରାଯାଇଛି। ଏହି ମନ୍ଦିର ପ୍ରତିଷ୍ଠା ପରେ ଯେଉଁ ଶୁଭେଚ୍ଛୁ ବାଭକ୍ତ ମାନେ ଅଧିକ ମୂଲ୍ୟର ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିବେ ସେମାନଙ୍କ ନାମ ତାଲିକା ମନ୍ଦିର ପରିସରର ଏକ ସର୍ବସାଧାରଣ ସ୍ଥାନରେ ପ୍ରକାଶ କରାଯିବାର ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଛି। ମନ୍ଦିର ପ୍ରତିଷ୍ଠା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ କମିଟି ପକ୍ଷରୁ ନିବେଦନ କରାଯିବା ସହିତ ଯୋଗାଯୋଗ ପାଇଁ ମୋବାଇଲ ନଂ- ୯୦୪୦୯୪୦୩୫୧ ପ୍ରଦାନ କରାଯାଇଛି।

## 'ମହାପୁରୁଷଙ୍କ ନାମରେ ନାମିତ ହେଉ ଇନ୍‌ଡୋର ଷ୍ଟାଡିୟମ'

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ର ନିଷ୍ପତି କ୍ରମେ ରାଜ୍ୟରେ ୮୯ଟି ଜାଗାରେ ବହୁମୁଖୀ ବ୍ୟବହାର୍ଯ୍ୟ ଇଣ୍ଡୋର ଷ୍ଟାଡିୟମ୍ କରିବେ ବୋଲି ଘୋଷଣା କରିଛନ୍ତି । ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସଂପର୍କ ବିଭାଗ ଏବଂ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ତରଫରୁ ୨ଟି ଭିନ୍ନ ଭିନ୍ନ ପ୍ରେସ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଇଆଣ୍ଡପିଆର ଡିପାର୍ଟମେଂଟ୍ ତରଫରୁ ପ୍ରକାଶିତ ବିଜ୍ଞପ୍ତିରେ ରାଜ୍ୟ କ୍ରୀଡା ଭିତିଭୂମି ବିକାଶ ପ୍ରକଳ୍ପ ଏବଂ କ୍ରୀଡା ଓ ଯୁବକଲ୍ୟାଣ ବିଭାଗ ତରଫରୁ ବିଜ୍ଞପ୍ତିରେ ସହରାଂଚଳ କ୍ରୀଡା ଭିତିଭୂମି ପ୍ରକଳ୍ପ ଜରିଆରେ ଏହି ଘୋଷିତ ଇଣ୍ଡୋର ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ହେବ ବୋଲି ପ୍ରକାଶ ପାଇଛି । ଯାହାକି ସାଧାରଣରେ ଦ୍ୱନ୍ଦ ସୃଷ୍ଟି କରିବା ସହ ରାଜ୍ୟ ସରକାରଙ୍କ 'ବିଭାଗ – ବିଭାଗ' ମଧ୍ୟରେ କୌଣସି ସମନ୍ୱୟ ନଥିବାର ସ୍ପଷ୍ଟ ପ୍ରମାଣିତ ହୋଇଛି । ତେଣୁ ରାଜ୍ୟ ସରକାର ତୁରନ୍ତ ସ୍ପଷ୍ଟୀକରଣ ଦେଇ ସାଧାରଣ ଓଡିଶାବାସୀଙ୍କ ମନରେ ସୃଷ୍ଟି ହେଇଥିବା ଦ୍ୱନ୍ଦ ଦୂର କରିବାକୁ ରାଜ୍ୟ ସଂପାଦକ ଶ୍ରୀ ଟଙ୍କଧର ତ୍ରିପାଠୀ ଦାବୀ କରିଛନ୍ତି। ରାଜ୍ୟ ସରକାରଙ୍କ ଘୋଷଣା ଓ ବିଜ୍ଞପ୍ତି ଅନୁଯାୟୀ, ଘୋଷିତ ନୂତନ ଇଣ୍ଡୋର ଷ୍ଟାଡିୟମ୍‌ଗୁଡିକ ବହୁମୁଖୀ ବ୍ୟବହାର ଉପଯୋଗୀ ହେବ । ଏହି ଷ୍ଟାଡିୟମରେ ଖେଳ, ଇଣ୍ଡୋର ଖେଳ, ଯୋଗ, ବ୍ୟାୟାମ ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳ ଭାବେ ବ୍ୟବହାର ହୋଇପାରିବ । କୋଭିଡ୍ ସଂକ୍ରମଣ




ଭଳି କୌଣସି କଠିନ ସମୟରେ ଏହି ଷ୍ଟାଡିୟମଗୁଡିକୁ ୫୦-୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଭାବେ ମଧ୍ୟ ବ୍ୟବହାର କରାଯାଇପାରିବ । ଏଥି ସହ ସଭା, ସମିତି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇପାରିବ। ଗୋଟିଏ ପଟେ ଦରମା, ପେନସନ ଦେବା ପାଇଁ ରାଜ୍ୟ ସରକାରଙ୍କ ବଜେଟ ନିଅଂଟ ପଡୁଥିବାବେଳେ ଏଥିପାଇଁ କେଉଁ ବିଭାଗର କେତେ ଅର୍ଥବରାଦ, ପ୍ରକଳ୍ପରେ କେନ୍ଦ୍ର – ରାଜ୍ୟ ସରକାରଙ୍କ ଅଂଶଧନ କେତେ, ତାହା ରାଜ୍ୟ ସରକାର ସ୍ପଷ୍ଟ କରିବାକୁ ଶ୍ରୀ ତ୍ରିପାଠୀ ଦାବୀ କରିଛନ୍ତି। ରାଜ୍ୟ ସରକାର ନିଶ୍ଚିତ ଭାବେ ସୁଚି ପ୍ରସ୍ତୁତ କରି ୮୯ଟି ସ୍ଥାନରେ ଇଣ୍ଡୋର ଷ୍ଟାଡିୟମ୍ ହେବ ବୋଲି ଘୋଷଣା କରିଛନ୍ତି। ଏହି ୮୯ଟି ଜାଗା, କେଉଁ ଜିଲ୍ଲା, ମ୍ୟୁନିସିପାଲଟି ଏବଂ କେଉଁ ଏନ୍‌ଏସିରେ ହେବ ତାହାର ସୂଚୀ ମଧ୍ୟ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସାମ୍ନାରେ ପ୍ରକାଶ କରିବା ପାଇଁ ଶ୍ରୀ ତ୍ରିପାଠୀ ଦାବୀ କରିଛନ୍ତି। ପ୍ରକାଶ ଥାଉ କି ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଓଡିଶାର ୩୧୪ ବ୍ଲକରେ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଘୋଷଣା କରିଥିଲେ ବିଜେଡି ସରକାର। ତେବେ ୩୧୪ ମଧ୍ୟରୁ ଏହି ୨ବର୍ଷରେ କେତେ ବ୍ଲକ ଅଂଚଳରେ ବିଜେଡି ସରକାର କେତୋଟି ଷ୍ଟାଡିୟମ୍ ନିର୍ମାଣ କରିଛନ୍ତି ତାହାର ହିସାବ ରାଜ୍ୟବାସୀଙ୍କୁ ଦେବେ କି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ କରିଛନ୍ତି ? ସୁବାଷ ବୋଷ୍, ବୀର ସୁରେନ୍ଦ୍ର ସାଏ, ମଧୁସୂଦନ ଦାସ, ବକ୍ସି ଜଗବନ୍ଧୁ, ପଣ୍ଡିତ ଗୋପବନ୍ଧୁ ଦାସ, ଡ. ହରେକୃଷ୍ଣ ମହତାବ, ବାଜି ରାଉତ, ଗଜପତି କୃଷ୍ଣଦେବ, ରେଣ୍ଡୋ ମାଝି, ଗଙ୍ଗାଧର ମେହେର, ଜୟୀ ରାଜଗୁରୁ, ଫକୀର ମୋହନ ସେନାପତି, ଧରଣୀଧର ଭୂୟାଁ, ପଣ୍ଡିତ ରଘୁନାଥ ମୁର୍ମୁ, ଭୈରବ ମହାନ୍ତି, ମାଳତୀ ଚୌଧୁରୀ, ସନ୍ଥକବି ଭୀମ ଭୋଇ, ଲକ୍ଷ୍ମଣ ନାଏକ, ନିର୍ମଳ ମୁଣ୍ଡା, ମାଧବ ସିଂ .. .. .. ଏପରି ଆହୁରି ଅନେକ ମହାନ୍ ବ୍ୟକ୍ତି, ମହାପୁରୁଷ ଓ କ୍ରୀଡାବିତ୍ ଯେଉଁମାନେ ଅଛନ୍ତି ସେହି ଅଂଚଳ ଏବଂ ଜିଲ୍ଲାରେ ସେମାନଙ୍କର ଅବଦାନ ଯୋଗଦାନ ରହିଛି ସାମାଜିକ ଜୀବନକୁ ସୁଦୃଢ କରିବା ଭବିଷ୍ୟତ ସମାଜ ଗଠନରେ ତାଙ୍କର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଯଦି ଏହି ଯୋଜନା ଘୋଷଣା ସର୍ବସ୍ୱ ନୁହେଁ ବାସ୍ତବରେ ଏହା ହେବାକୁ ଯାଉଛି ତେବେ ଏହା ଯେଉଁ ଜିଲ୍ଲାରେ ଓ ଅଂଚଳରେ ହେବ ସେଠିକାର ମହାପୁରୁଷ ଯାହାର ସାମାଜିକ ଜୀବନରେ ଅବଦାନ ଓ ଯୋଗଦାନ ରହିଛି ସେହି ଅଂଚଳର ବିଶିଷ୍ଟ ବ୍ୟକ୍ତି, କ୍ରୀଡାବିତ୍, ମହାପୁରୁଷମାନଙ୍କ ନାମରେ ଏହି ଇଣ୍ଡୋର ଷ୍ଟାଡିୟମ୍‌କୁ ନାମିତ କରାଯାଉ ବୋଲି ଭାରତୀୟ ଜନତାପାର୍ଟି ଗଣମାଧ୍ୟମ ଜରିଆରେ ରାଜ୍ୟସରକାରଙ୍କୁ ଦାବୀ ଜଣାଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ ଉପସ୍ଥିତ ଥିଲେ।



75th Happy Independence Day

**My Nest** Assets
Inspiring | Building | Redefining

Book your dream home in
Patia location at affordable price

# 199, District Center, Chandrasekharpur, Bhubaneswar, Odisha-751016
Mob.:7205650205 / E-mail : info@mynestgroup.com




## Our Vision

To actively contribute to the social and economic development of the communities in which we operate. In doing so, build a better, sustainable way of life for the weaker sections of society and raise the country's human development index.

*Transforming Lives*

UTKAL ALUMINA INTERNATIONAL LTD
Doraguda, Kucheipadar
Rayagada



ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ ଅଥବା ସାନିଟାଇଜ୍ କରନ୍ତୁ ।

**ଶ୍ରୀ ଜଗନ୍ନାଥ ସାରକା**
ଆଦିବାସୀ ଜନଜାତି ପଛୁଆ ବର୍ଗ ଉନ୍ନୟନ ମନ୍ତ୍ରୀ
ଓଡ଼ିଶା ସରକାର

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଉଦଳା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖନ୍ତୁ ।

**ଶ୍ରୀ ଭାସ୍କର ମଢ଼େଇ**
ବିଧାୟକ, ଉଦଳା ନିର୍ବାଚନ ମଣ୍ଡଳୀ





ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ରାୟଗଡ଼ ଜିଲ୍ଲାର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୁବିଧା ହାସଲ କରିବା ସହିତ ଏହି କରୋନା ମହାମାରୀ ସମୟରେ ମାସ୍କ ପିନ୍ଧିବା ସହିତ ବାହାରକୁ ବାହାରିଲେ ସାମାଜିକ ଦୂରତା ବଜାୟ ରଖିବା ସହ ବାରମ୍ବାର ସାବୁନରେ ହାତ ଧୁଅନ୍ତୁ ।

**ବିଷ୍ଣୁ ପ୍ରସାଦ ପଣ୍ଡା**
ସଭାପତି, ବିଜୁ ଛାତ୍ର ଜନତା ଦଳ
ରାୟଗଡ଼

75th Happy Independence Day



**Padmaja premium hotel & Convention**
Plot No 324, 326, District Center, Chandrasekharpur,
Bhubaneswar, Odisha 751016, Phone: 074400 02501

ପବିତ୍ର ୭୫ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦୁଝରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।

**ଉମେଶ ଚନ୍ଦ୍ର ପାଢ଼ୀ**
ଜିଲ୍ଲା ପ୍ରତିନିଧି (ଏକମାତ୍ର), କେନ୍ଦୁଝର



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି